## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପାୟଲ
ପରିବାରବର୍ଗ


କୈଳାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବିବାହର ସୁବର୍ଣ୍ଣଜୟନ୍ତୀ ଶୁଭେଚ୍ଛା



**ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର**
ଓ
**ଶ୍ରୀମତୀ କମଳା ମିଶ୍ର**
ଶାସ୍ତ୍ରୀନଗର, ଭୁବନେଶ୍ୱର
(ଜନ୍ମସ୍ଥାନ କରିଲୋପାଟଣା, କେନ୍ଦ୍ରାପଡ଼ା)

ଦୋଳପୂର୍ଣ୍ଣିମା ଦିନ ତୁମ ବିବାହର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଭୟଙ୍କର ଦୀର୍ଘ ନିରାମୟ ଦାମ୍ପତ୍ୟ ଜୀବନ ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରୁଛୁ। ପରିବାର ଏବଂ ଶ୍ୟାମସୁନ୍ଦରପୁର, ହୁରାସାହି ଓ କରିଲୋପାଟଣା (କେନ୍ଦ୍ରାପଡ଼ା) ଗ୍ରାମର ମିଶ୍ର ପରିବାରବୃନ୍ଦ।
ଧ-୧୧୭୨୯

## ପ୍ରଥମ ପୃଷ୍ଠାରୁ...

# ବିଜେଡିରେ ଅସନ୍ତୋଷ...

ଲାଗି କୌଣସି ଘୋଷଣା କରାଯାଇନାହିଁ। ତେଣୁ ବିଜେଡି ଛାଡ଼ିବା ନେତାଙ୍କ ତାଲିକା ଆଗକୁ ଲମ୍ବିବ ବୋଲି ଅନୁମାନ କରାଯାଉଛି। ରାଜନୈତିକ ସମୀକ୍ଷକମାନେ ମଧ୍ୟ ଏହାକୁ ଉଚିତ ଲକ୍ଷଣ ନୁହେଁ ବୋଲି କହିଲେଣି। କେତେଜଣ ନେତା ଖୋଲାଖୋଲି ଦଳ ପରିଚାଳନା କରୁଥିବା ବା ବିଭିନ୍ନ ଜିଲାର ଦାୟିତ୍ୱରେ ଥିବା ନେତାଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ସର୍ବପ୍ରଥମେ ଦଳ ଛାଡିଥିବା ଏମ୍‌ପି ବଳଭଦ୍ର ମାଝୀ ନବରଙ୍ଗପୁର ପର୍ଯ୍ୟବେକ୍ଷକଙ୍କୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ପରବର୍ତ୍ତୀ ସମୟରେ ଏମ୍‌ପି ଅର୍କ କେଶରୀ, ପ୍ରତ୍ୟୁଷା, ବିଧାୟକ ପୂର୍ଣ୍ଣ ନାୟକ, ସୁକାନ୍ତ ନାୟକ, ଆୟୁବ ଖାଁ, ଦେବରାଜ ମହାନ୍ତି ପ୍ରମୁଖ ଦଳର ତଥାକଥିତ ସଙ୍କଟମୋଚକଙ୍କ ଉପରେ ବର୍ଷିଛନ୍ତି।

ପ୍ରତ୍ୟୁଷା ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କନ୍ଧମାଳ ଓ ନୟାଗଡ ପାଇଁ ତାଙ୍କ ଦ୍ୱାରା କରାଯାଇଥିବା ଦଳୀୟ କାର୍ଯ୍ୟକୁ ଅଣଦେଖା କରାଯାଇଛି। ବିଜେଡି ଓଡ଼ିଶାର ୩୩ ପ୍ରତିଶତ ଲୋକ ସଭା ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବ ବୋଲି ସ୍ପଷ୍ଟ କରିବା ପରେ ତାଙ୍କ ଟିକେଟ୍ କଟାଗଲା। ଯଦି ଏପରି କରାଯିବାର ଥିଲା, ତେବେ ପୂର୍ବରୁ କାହିଁକି ତାଙ୍କୁ ଜଣାଗଲା ନାହିଁ ବୋଲି ପ୍ରତ୍ୟୁଷା ପ୍ରଶ୍ନ କରିଛନ୍ତି। ସେ ଦଳର ନୀତି ଏବଂ ନେତୃତ୍ୱର ଆଦର୍ଶରେ କାର୍ଯ୍ୟ କରିବାକୁ ଚାହିଁଥିଲେ, ବିଜେଡି ନେତା ବିକ୍ରମ କେଶରୀ ଆରୁଖଙ୍କ ନିର୍ଦ୍ଦେଶରେ ନୁହେଁ। ସ୍ୱାମୀ ହେମେନ୍ଦ୍ର ସିଂଙ୍କ ବିୟୋଗ ପରେ ନୟାଗଡ଼ରେ ରାଜନୈତିକ କ୍ଷେତ୍ରରେ ଅରୁଣ ସାହୁଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି। ଗତ ୪ ବର୍ଷରେ ଏହି କାରଣରୁ ତାଙ୍କ ବିରୋଧରେ ବହୁ ମାମଲା କରାଯାଇଥିବା କହି ପ୍ରତ୍ୟୁଷା ବର୍ଷିଛନ୍ତି। ଏ ସମ୍ପର୍କରେ ସେ ଦଳୀୟ ଫୋରମ୍‌ରେ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯେଉଁଭଳି ଭାବେ ତାଙ୍କୁ ତାଙ୍କର ସ୍ୱର୍ଗତ ସ୍ୱାମୀ ହେମେନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ କରାଇଦିଆଗଲା ନାହିଁ, ତାହା ତାଙ୍କୁ ବାଧିଥିବା ପ୍ରତ୍ୟୁଷା କହିଛନ୍ତି। ସେ ନୟାଗଡ଼ ବିଧାନସଭା ଆସନରୁ ଲଢିବା ପାଇଁ ଆଗ୍ରହୀ ଥିବା ଖୋଲାଖୋଲି ମନ୍ତବ୍ୟ ଦେଇଥିଲେ। ସେହିପରି ବିଜେଡିରେ ଦୁର୍ନୀତିଗ୍ରସ୍ତଙ୍କୁ ଗୁରୁତ୍ୱ ଦିଆଯାଉଥିବା ଅଭିଯୋଗ କରିଛନ୍ତି ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ। ସେ କହିଛନ୍ତି ଯେ, ତାଙ୍କ ନିର୍ବାଚନମଣ୍ଡଳୀର ଆଦିବାସୀ ଏବଂ ଦଳିତଙ୍କ ବିକାଶ ପାଇଁ ଆସିଥିବା ଅର୍ଥ ଆତ୍ମସାତ୍ କରିଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଗଲା, ଯାହା ଦୁର୍ଭାଗ୍ୟଜନକ ବୋଲି ନାୟକ କହିଛନ୍ତି।

ନବୀନଙ୍କ ନେତୃତ୍ୱରେ ପୂର୍ବରୁ ଲଢାଯାଇଥିବା ୪ଟି ନିର୍ବାଚନ ସମୟରେ ଦଳବଦଳ ହୋଇଥିଲା। ହେଲେ ସେ ସମୟରେ ଅନ୍ୟ ଦଳ ଛାଡ଼ି ବିଜେଡିରେ ମିଶିବା ନିତିଦିନିଆ ଘଟଣା ଥିଲା। ତେବେ ଚଳିତ ଥର ବିଜେଡି ଛାଡ଼ିବା ନେତାଙ୍କ ସଂଖ୍ୟା ବଢିବାରେ ଲାଗିଛି। ତେଣୁ ଦଳ ପରିଚାଳନାର ନୀତିଗତ ତ୍ରୁଟି ବିଜେଡି ପାଇଁ ବିପତ୍ତିକୁ ଡାକି ଆଣିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।







# ଭାଜପାରେ ଅନ୍ୟ ଦଳ...

ବଲାଙ୍ଗୀରର ଟାଣୁଆ କଂଗ୍ରେସ ନେତା ଗିରିଧର ପତି, ପୂର୍ବତନ ବିଧାୟକ ପ୍ରାର୍ଥିନୀ ଇନ୍ଦୁମତୀ ନାୟକ, ପୂର୍ବତନ ଆଇଏଏସ୍ ଅଫିସର ଅନନ୍ତ ନାୟକ, ମୟୂରଭଞ୍ଜର ପୂର୍ବତନ ଏମ୍‌ପି ତଥା ଜେଏମ୍‌ଏମ୍ ନେତା ଲକ୍ଷ୍ମଣ ଟୁଡୁ ପଦ୍ମ ଦଳର ହାତ ଧରିଛନ୍ତି। ପୋଲସରାର ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଦଶପଲ୍ଲାର ପୂର୍ବତନ ବିଧାୟକ କାଶୀନାଥ ମଲ୍ଲିକ ଏବଂ ପୂର୍ବତନ ବିଜେଡି ସଙ୍ଗଠକ ନୀଳମଣି ବିଶୋୟୀ ଭାଜପାରେ ଯୋଗଦେଇଛନ୍ତି। ପୂର୍ବରୁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ଦାମୋଦର ରାଉତ ଓ କଂଗ୍ରେସ ବିଧାୟକ ପ୍ରକାଶ ବେହେରା ମଧ୍ୟ ପଦ୍ମ ଧରିସାରିଲେଣି।

ବିଜେଡି ଏଥର ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ କଲ୍ୟାଣୀ ଗଜପତି ଓ ଆସିକା ବିଧାନସଭା ଆସନ ପାଇଁ ସ୍ୱର୍ଗତ ଏମ୍‌ପି ଲଡୁକିଶୋର ସ୍ୱାଇଁଙ୍କ ସ୍ତ୍ରୀ ମଞ୍ଜୁଳା ସ୍ୱାଇଁଙ୍କୁ ଟିକେଟ ପ୍ରଦାନ କରିଛି। ଏହା ପରେ ଉଭୟ ଆସନରେ ବିଜେଡି ଟିକେଟ୍ ଆଶାୟୀ ଥିବା ନାରାୟଣ ରାଓ ଓ ଦେବରାଜ ଭାଜପାରେ ଯୋଗଦେଇଛନ୍ତି। ସେହିପରି ନିକଟରେ ବିଜେଡିରେ ସାମିଲ ହୋଇଥିବା ନୀଳଗିରିର ଭାଜପା ନେତ୍ରୀ ସୁଷମା ବିଶ୍ୱାଳଙ୍କୁ ସେହି ସ୍ଥାନରୁ ଟିକେଟ୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତେଣୁ ନିଜର ଟିକେଟ୍ ଅନିଶ୍ଚିତ ଜାଣି ବିଧାୟକ ସୁକାନ୍ତ ନାୟକ ମଧ୍ୟ ବିଜେଡି ଛାଡ଼ି ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। କେବଳ ଟିକେଟ୍ ଆଶାୟୀ ନେତା ନୁହନ୍ତି, ତୃଣମୂଳ ପଞ୍ଚାୟତ ପ୍ରତିନିଧି ମଧ୍ୟ ଏବେ ବହୁ ପରିମାଣରେ ଭାଜପା ମୁହାଁ ହୋଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟଠାରେ ଉପରୋକ୍ତ ନେତାମାନେ ଭାଜପାରେ ଯୋଗ ଦେଇଛନ୍ତି। ଧର୍ମେନ୍ଦ୍ର ଏହିସବୁ ନେତାମାନଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା କୁସୁମ ଟେଟେ କହିଛନ୍ତି ଯେ, ଭାଜପା ତାଙ୍କୁ ଯାହା ଦାୟିତ୍ୱ ଦେବ ସେ ମନପ୍ରାଣ ଦେଇ କାର୍ଯ୍ୟ କରିବେ। ସେହିପରି କେ.ନାରାୟଣ ରାଓ କହିଛନ୍ତି, କେତେଜଣ ବ୍ୟକ୍ତିବିଶେଷଙ୍କ ପାଇଁ ତାଙ୍କୁ ବିଜେଡି ଅଗ୍ରାହ୍ୟ କରିଦେଲା। ବିଜେଡିରେ ଆଉ ଗଣତନ୍ତ୍ର ବୋଲି କିଛିନାହିଁ। କେତେଜଣ ଚାଟୁକାର, ତୋଷାମଦିଆ ଏବଂ ସ୍ୱାର୍ଥପର ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ବିଜେଡିରେ ରହି କାର୍ଯ୍ୟକରିବା ଅସମ୍ଭବ ବୋଲି ରାଓ କହିଛନ୍ତି। ନୀଳଗିରି ବିଧାୟକ ସୁକାନ୍ତ କହିଛନ୍ତି ଯେ, ବିଜେଡିରେ ସେ ୨୦ବର୍ଷ ରହି କାର୍ଯ୍ୟ କରି ଆସୁଥିଲେ। ହେଲେ ଯାହାକୁ ଦଳର କର୍ମୀମାନେ ଚିହ୍ନିନାହାନ୍ତି ସେମାନଙ୍କୁ ଟିକେଟ ମିଳୁଥିବା ନାୟକ କହିଛନ୍ତି। ଅପରପକ୍ଷରେ ଏହିସବୁ ନେତାମାନଙ୍କୁ ଭାଜପା ଟିକେଟ ଦେବାର ପ୍ରତିଶ୍ରୁତି ଦେଇ ଦଳରେ ସାମିଲ କରୁଥିବା ଜଣାପଡୁଛି। ଯେଉଁଥିପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିବାରେ ଭାଜପାର ବିଳମ୍ବ ହେଉଥିବା ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହିସବୁ ଆମଦାନୀ ନେତାମାନଙ୍କୁ ଟିକେଟ ମିଳିବାପରେ ଦୀର୍ଘଦିନ ଧରି ଭାଜପା ପାଇଁ କାମ କରୁଥିବା ଏବଂ ପ୍ରାର୍ଥୀ ହେବାକୁ ଆଶା ରଖିଥିବା ନେତା କୁଆଡ଼େ ଯିବେ ବୋଲି ଆଲୋଚନା ହେଉଛି। ଉଦାହରଣ ସ୍ୱରୂପ- ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ। ସେଠାରୁ ପୂର୍ବରୁ ବିଧାୟକ ଥିବା ପ୍ରତାପ ଷଡଙ୍ଗୀ ଏବଂ ବର୍ତ୍ତମାନ ଭାଜପା ସଙ୍ଗଠକ ସନ୍ତୋଷ ଖଟୁଆ ରହିଛନ୍ତି। ଏବେ ସୁକାନ୍ତ ଆସିଲେଣି, ତେଣୁ ପୁରୁଣା ନେତା ଏବଂ ଆମଦାନୀ ନେତାଙ୍କ ମଧ୍ୟରୁ ଭାଜପା କାହାକୁ ଟିକେଟ୍ ଦେଉଛି, ସେଥିପ୍ରତି ସମସ୍ତଙ୍କ ନଜର ରହିବ।

# classified

### automobile

## SALE

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100. D-11548

### real estate

## SALE

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Booking open for 2,3 BHK flats near Patrapada Mall. Contact: 7381003669. D-11080

Book 4BHK flat (3 toilet), AIIMS Square 150mtr. Aiginia Over Bridge, NH-5, 1622 sqft. @65 lac including parking. 7978584549. D-66044

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-65395

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65861

3BHK flat for sale Jharpada Main Road. 6370535558. Genuine buyers call only. D-11759

**Well developed yellowzone, gharabari plot for sale at Trisuila (Patpur Mouza) Cuttack 2.5km. from High Court, new bridge. Contact: 9438664354, 9937253888.** D-66045

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

**BDA approved plot available near Gandamunda Reliance Fresh, Jagamara, BBSR. Contact: 9438382205, 9439776090.** D-64951

ଭୁବନେଶ୍ୱର ହଂସପାଳ ପାଖରେ 15,00,000/-, ପୁରୀରେ 8,00,000/-ର plot ମିଳୁଛି। 8093465134, 9668194157. D-65398

ପୁରୀ ବାଟମଙ୍ଗଳା ନିକଟ ବାଟଗାଁଛକ ପାଖରେ ସ୍ଥିତିବାନ ଘରବାଡି ପ୍ଲଟ ପାଚେରିସହ 1000 ବର୍ଗଫୁଟକୁ 5 ଲକ୍ଷ 50 ହଜାର ଟଙ୍କା। 8144658008, 8144634252. D-11760

Tamando Market ପାଖରେ, Janla NH-5 ପାଖରେ ଘରବାରି plot ନେଇ ଘରକରନ୍ତୁ। 9438859527. D-11762

### construction

Do you want to construct buildings on your own plot. Contact: Sachi Pattanaik B.Tech (Civil. Eng). 9853916309, 9338401309. D-62164

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### healthcare

Newly ayurvedic fullbody massege ladies, gents. 7609923705, 7438851534. D-38551

## ତୃତୀୟ ଜନ୍ମଦିନ ଶୁଭେଚ୍ଛା


(ଡୁଗୁ)
**ଦିବ୍ୟାଂଶୁ ପ୍ରସାଦ ନାୟକ**
ନିମାପଡ଼ା, ପାଟପୁର
ଆଜି ତୁମର ପବିତ୍ର ତୃତୀୟ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୁମର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଆଶୀର୍ବାଦର ସହ: ନାନା, ବାପା, ଦାଦା, ମାମା, ଖୁଡୀ, ପିଉସା, ପିଉସୀ, ଭାଇ, ଅଜା, ଆଈ, ଜେଜେମା ଓ ପରିବାରବର୍ଗ। ଧ-୬୫୮୬୨

## ୧୧ତମ ଜନ୍ମବାର୍ଷିକୀ ଶୁଭେଚ୍ଛା


(ଶୁଭମ୍)
**ଭାଗ୍ୟଜିତ୍ ଦାଶ**
ଫାଲଗୁନ ମାସ, ଦୋଳପୂର୍ଣ୍ଣିମା
ତୁମର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାବା, ମା ଓ ପରିବାରବର୍ଗ। ଧ-୬୬୦୪୬

## ୮ମ ଜନ୍ମବାର୍ଷିକ ଶୁଭେଚ୍ଛା


(ଶିୟା)
**ସୌମ୍ୟା ସୁପ୍ରଭା ସାହୁ**
ଗାଡ଼କଣ, ଭୁବନେଶ୍ୱର
ପ୍ରଭୁ ଲକ୍ଷ୍ମୀନାରାୟଣ ତୁମକୁ ଜଣେ ଭଲମଣିଷ କରି ଗଢିତୋଳନ୍ତୁ, ଏତିକି କାମନା। ଶୁଭେଚ୍ଛା ସହ: ଜେଜେ, ବାପା, ମାମା, ଅଜା, ଆଈ, ମାମୁ ଓ ମାଉସୀମାନେ। ଧ-୧୧୭୫୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତ ପ୍ରସନ୍ନ କୁମାର ପଟ୍ଟନାୟକ**
ଜନ୍ମ: ତା୦୧।୦୧।୧୯୪୬ ରିଖ
ମୃତ୍ୟୁ: ତା୧୩।୦୩।୨୦୧୯ ରିଖ
ତା୨୩।୦୩।୨୦୧୯ ରିଖ ଏକାଦଶାହ
ଜେନାପଦା, ଆଠଗଡ଼, କଟକ
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଏବଂ ପରିବାରବର୍ଗ।
ଧ-୧୧୭୪୦

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତା ସ୍ନେହଲତା ରାଓ (ସୁପ)**
ତିରୋଧାନ: ୦୪।୦୩।୨୦୧୮
ଉପର ମାଳିସାହି, ବଡ ଡାକ୍ତରଖାନା ଛକ ନିକଟ, ପୁରୀ-୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲାଣି। ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ସ୍ମୃତି ଆମ୍ଭମାନଙ୍କଠାରେ ଅତୀତରେ ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ମଧ୍ୟ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ବଡଝିଅ- ଚୁନି, ବଡଜ୍ୱାଇଁ- ବାବୁଲି, ସାନଝିଅ- ରିନି, ସାନଜ୍ୱାଇଁ- ଖୋକନ, ବଡପୁଅ- ସୁଧୀର, ବୋହୂ- ଝୁନୁ, ସାନପୁଅ- ବାବୁଲୁ, ନାତୁଣୀ- ଗୁଡ୍ଡୁ, ନାତି- ସେଲୁ, ପୁପୁନ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ନାତି ଓ ନାତୁଣୀ ଏବଂ ପରିବାରବର୍ଗ।
ଧ-୬୩୭୬୬

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


**ଶ୍ଳୋକାନ୍ତ ପତି ମହାପାତ୍ର**
ଶବର ସାହି, ରସୁଲଗଡ଼, ଭୁବନେଶ୍ୱର
**ଆବିର୍ଭାବ:** ୧୫।୦୨।୨୦୦୧
**ତିରୋଧାନ:** ୧୩।୦୩।୨୦୧୭ (ପବିତ୍ର ହୋଲି)
'ପୁପୁ' ତୋର ପିଲାବେଳର ଚପଳତା, ପାଠପଢ଼ାରେ ମନ, ଫୁଟ୍‌ବଲ୍ ଖେଳ, ସ୍କୁଲରେ ସବୁ କାମରେ ଆଗଭରତା ତଥା ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ରାଜ୍ୟ ପରେଡ୍‌ରେ ଯୋଗଦାନ ସବୁକିଛି ମୋତି ଭଳି ଗୋଟି ଗୋଟି ମନେପଡୁଛି। ଏତେ କମ୍ ସମୟ ରହଣି ମଧ୍ୟରେ ତୋ ସହ ଥଟ୍ଟା ମଜା କଥା, ସବୁବେଳର ହସ ହସ ମୁହଁ, ସବୁ ଖାଇବାରେ ଆଗ୍ରହ ଏବଂ ଜଙ୍ଗଲ ଓ ପଶୁପକ୍ଷୀ ଦେଖିବା, ବୁଲିବା ଓ ଫଟୋଟିଏ ନେବାର ସଉକ କଥା ଭାବିଲା ବେଳକୁ ହୃଦୟଟା ବିଦୀର୍ଣ୍ଣ ହୋଇଯାଉଛି। ତୋର ଦେଶ ପାଇଁ ଶତ୍ରୁ ସଙ୍ଗେ ଲଢ଼ିବାର ନିଶାଟାକୁ ଭଗବାନ ବୁଝିପାରିଲେନି ବୋଧହୁଏ। ସର୍ବଶେଷରେ ତୋ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:** ବାପା, ମାଆ, ନନା, ବୋଉ, ତିତିଲି, କକେଇ, ପୁଇ, ଆଈ, ମାମୁ ଓ ମାଇଁମାନେ, ମଉସା, ମାଉସୀ, ପିଉସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୮୬୩

# ଲଣ୍ଡନରେ ନୀରବ...

ଆବେଦନକୁ ଖାରଜ କରିଦେଇଛନ୍ତି। ଫଳରେ ତାଙ୍କୁ ଆସନ୍ତା ୨୯ଯାଏ ହାଜତରେ ରହିବାକୁ ପଡ଼ିବ। ସେହି ଦିନ ଚିଫ୍ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ସପ୍ତାହକ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ପ୍ରତ୍ୟର୍ପଣ ଅନୁରୋଧକୁ ବିଚାରକୁ ନେଇ ଓ୍ୱେଷ୍ଟମିନିଷ୍ଟର କୋର୍ଟ ୪୮ ବର୍ଷୀୟ ନୀରବଙ୍କ ବିରୋଧରେ ଗିରଫ ପରଓ୍ୱାନା ଜାରି କରିଥିଲେ। ଏଥିପୂର୍ବରୁ ବ୍ରିଟେନ ସ୍ୱରାଷ୍ଟ୍ର ସଚିବ ସାଜିଦ ଜାଭିଦ ନୀରବଙ୍କ ପ୍ରତ୍ୟର୍ପଣ ସଂକ୍ରାନ୍ତ ଫାଇଲରେ ସ୍ୱାକ୍ଷର କରି ଏହାର ବିଚାର ଲାଗି ଓ୍ୱେଷ୍ଟମିନିଷ୍ଟର କୋର୍ଟକୁ ପଠାଇଦେଇଥିଲେ। ନୀରବଙ୍କ ଗିରଫଦାରୀ ପରେ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ଭଳି ତାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ହେବ। ପ୍ରାପ୍ତ ସୂଚନାନୁଯାୟୀ, ମାଲ୍ୟାଙ୍କୁ ମଧ୍ୟ ଲଣ୍ଡନରେ ୨୦୧୭ରେ ଗିରଫ କରାଯାଇଥିଲା। ତେବେ ଅଳ୍ପ କିଛି ସମୟ ମଧ୍ୟରେ ତାଙ୍କୁ ଜାମିନ ମିଳିଯାଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ଭାରତ ଗତବର୍ଷ ଅଗଷ୍ଟରେ ବ୍ରିଟେନ ସରକାରଙ୍କ ନିକଟରେ ମୋଦିଙ୍କ ପ୍ରତ୍ୟର୍ପଣ ଲାଗି ଦାବି ଜଣାଇଥିଲା। ସେ କିଛି ଦିନ ପୂର୍ବେ ଲଣ୍ଡନର ରାଜରାସ୍ତାରେ ବୁଲୁଥିବାର ଦେଖାଯାଇଥିଲା। ଗିରଫ ସ୍ଥାନରୁ ଏହା ସ୍ପଷ୍ଟ ହେଉଛି ଯେ, ନୀରବ ଲଣ୍ଡନର ଓ୍ୱେଷ୍ଟ ଏଣ୍ଡ୍‌ର ସେଣ୍ଟର ପଏଣ୍ଟ ଅଞ୍ଚଳରେ ଏକ ବିଳାସପୂର୍ଣ୍ଣ ଘରେ ରହୁଥିଲେ। ଭାରତ ସରକାର ତାଙ୍କର ପାସପୋର୍ଟ ରଦ୍ଦ କରିବା ପୂର୍ବରୁ ଏହି ହୀରା ବ୍ୟବସାୟୀ ଅତିକମ୍‌ରେ ୪ଥର ଲଣ୍ଡନରେ ଯାତାୟାତ କରିଥିଲେ। ବ୍ରିଟେନ ସରକାରଙ୍କ ନିୟମର ଫାଇଦା ଉଠାଇ ସେ ସେଠାରେ ନିଜର ବ୍ୟବସାୟ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ମାମୁ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ସହ ମିଶି ନୀରବ ଦୀର୍ଘ ୭ ବର୍ଷ ଧରି ପିଏନ୍‌ବିକୁ ଠକି ଚାଲିଥିଲେ। ବ୍ୟାଙ୍କର ବ୍ରାଡି ହାଉସ ଶାଖାର କେତେକ ଅସାଧୁ ଅଧିକାରୀଙ୍କୁ ହାତବାରିସି କରି ସେ ଏହି କାର୍ଯ୍ୟ ଚଳାଇଥିଲେ ହେଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ଅର୍ଥ ମନ୍ତ୍ରଣାଳୟ ଅଥବା ଖୋଦ ପିଏନ୍‌ବି ଜାଣିପାରି ନ ଥିଲା। ଦେଶର ବ୍ୟାଙ୍କିଙ୍ଗ ଜଗତରେ ଏହା ସର୍ବବୃହତ୍ ଠକେଇ ବୋଲି କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରବିଙ୍କ ସମ୍ମୁଖରେ ମଙ୍ଗଳ ଦୈହିକ ସୁସ୍ଥତା ପ୍ରଦାନ କରିବା ସହ ଯାତ୍ରା, ବାଣିଜ୍ୟରେ ସଫଳତା ସାଙ୍ଗକୁ ବିବାଦରେ ବିଜୟୀ କରାଇବେ। ଦୃଢ଼ ପଦକ୍ଷେପ ନେଇ ଅସଜଡ଼ା ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିକୁ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**
ବୁଧ ରାଶ୍ୟାଧିପ ଶୁକ୍ରଙ୍କ ସମ୍ମୁଖସ୍ଥ ହୋଇ ବନ୍ଧୁଙ୍କ ସହ ସୁସମ୍ପର୍କ ରକ୍ଷା କରିବା ସହ ଅର୍ଥପ୍ରାପ୍ତିର ଯୋଜନା କରିପାରନ୍ତି। ବୌଦ୍ଧିକ ବିଚାରବିମର୍ଶରେ ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହେବେ। ସକାଳୁ ସକାଳୁ କୌଣସି ଶୁଭ ଖବର ପାଇବାର ସୂଚନା ରହିଛି। ସାମାଜିକ ସ୍ତରରେ ପଛକଥା ଚିନ୍ତା ନ କରି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ମିଥୁନ**
ରାଶି ଓ ଚତୁର୍ଥାଧିପଙ୍କଠାରୁ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ଅବସ୍ଥାନ କରି ପ୍ରିୟଜନଙ୍କ ସହ ମତାନ୍ତର ସୃଷ୍ଟି କରିବେ। କର୍ମାଧିପ କର୍ମସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ବନ୍ଧୁମାନଙ୍କ ଜରିଆରେ ଆଲୋଚନା କରିପାରନ୍ତି। ପାରିବାରିକ ମନାନ୍ତର କ୍ଷେତ୍ରରେ ଜାଣିଶୁଣି ନୀରବ ରହିବା ଭଲ।

**କର୍କଟ**
ଧନାଧିପ ରବି ରାଶ୍ୟାଧିପ ଚନ୍ଦ୍ରଙ୍କୁ ପ୍ରତ୍ୟକ୍ଷ ଦୃଷ୍ଟି ପ୍ରଦାନ କରୁଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଓ ସମର୍ଥନରେ ଉଚ୍ଚପଦବୀ ପ୍ରାପ୍ତ ହୋଇପାରନ୍ତି। ଆଲୋଚନା ପରିସର, କର୍ମକ୍ଷେତ୍ର, ପ୍ରଶାସନିକ ଅଥବା ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ସିଂହ**
ବ୍ୟୟାଧିପ ଧନସ୍ଥାନରେ ରହି ଆଗାମୀ ବଜେଟ ପ୍ରସ୍ତୁତ କରିବାରେ ତତ୍ପରତା ପ୍ରକାଶ କରାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ବାସ୍ତବ ସମସ୍ୟାରୁ ମୁକ୍ତି ମିଳି ନ ପାରେ। ପୂର୍ବ ପରିସ୍ଥିତିର ସମ୍ମୁଖୀନ ହୋଇ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସହଯୋଗ ପାଇବେ।

**କନ୍ୟା**
ବକ୍ରୀ ବୁଧ ଷଷ୍ଠଭାବରେ ମିତ୍ରଗୃହୀ ହୋଇ ବନ୍ଧୁଙ୍କ ସାହାଯ୍ୟରେ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆଣିବାରେ ସହାୟକ ହେବେ। ଆର୍ଥିକ ଉନ୍ନତି, କର୍ମକ୍ଷେତ୍ରରେ ସମ୍ମାନ, ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ପ୍ରୀତିପ୍ରଦ ରହିବ। ଅପରାହ୍ନରେ କୌଣସି ସୁଖବର ମନକୁ ଆହ୍ଲାଦିତ କରିପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ତୁଳା**
କର୍ମାଧିପ ବ୍ୟୟଭାବରେ ସ୍ଥାନାନ୍ତର କିମ୍ବା ଦୂରଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିପାରନ୍ତି। ନିଜ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ପାରସ୍ପରିକ ବୁଝାମଣା ମାଧ୍ୟମରେ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରି ଆସିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ।

**ବିଛା**
ଚନ୍ଦ୍ରଙ୍କ ଚତୁର୍ଥ କେନ୍ଦ୍ରରେ ବୃହସ୍ପତି କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିକୁ ନେଲେ ମଧ୍ୟ ସ୍ୱଗୃହହନ୍ତା ବୃହସ୍ପତି ପାରିବାରିକ ଶାନ୍ତିଭଗ୍ନ କରିପାରନ୍ତି। ଶିକ୍ଷା, ସନ୍ତାନ, ପରୀକ୍ଷାରେ ସଫଳତା ପ୍ରଦାନ କରିବା ସହ ଫଳପ୍ରଦ ଆଲୋଚନାରେ ଆତ୍ମତୃପ୍ତି ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ର ମଧ୍ୟମ ଧରଣର ରହିବ।

**ଧନୁ**
ଶନି କେନ୍ଦ୍ରରେ ଅଷ୍ଟମାଧିପ ରବି ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟାକୁ ବୃଦ୍ଧି କରିବେ। ଗଣତନ୍ତ୍ର, ଆଇନ ଅଦାଲତ ଏପରି କି ଆଧ୍ୟାତ୍ମିକତା କ୍ଷେତ୍ରର ପ୍ରତୀକ ଶନି ନିଜ ନିଜ କ୍ଷେତ୍ରରେ ଶୁଭଫଳ ପ୍ରଦାନ କରିବେ। ଗୁରୁଦୃଷ୍ଟିରୁ ଉତ୍ତମ ଲୋକସମ୍ପର୍କଜନିତ ସାମାଜିକ ସ୍ଥିତି ବହୁତ ଭଲ ରହିବ ଓ ପ୍ରଶଂସିତ ମଧ୍ୟ ହେବେ।

**ମକର**
ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅଭିଳଷିତ କାର୍ଯ୍ୟ ସମ୍ପନ୍ନ ଦିଗରେ ଗ୍ରହସ୍ଥିତି ଅନୁକୂଳ ରହିବ। ସପ୍ତମାଧିପ ଚନ୍ଦ୍ର ଭାଗ୍ୟସ୍ଥାନରେ ନୂତନ ବୈବାହିକ ସମ୍ପର୍କ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବନ୍ଧୁଙ୍କ ଅନାଦର ଭାବ ସାମୟିକ ମନକୁ ଦୁଃଖ ଦେଇପାରେ। ନିଜ ହିତୈଷୀମାନଙ୍କୁ ବୃଥା ସନ୍ଦେହ କରି ଭୁଲ୍ ଠିକ୍‌ର ବିଚାର କରିପାରିବେ ନାହିଁ।

**କୁମ୍ଭ**
ରାହୁ ଷଷ୍ଠ ସ୍ଥାନରେ ଅବସ୍ଥାନ କରି ସମସ୍ତ ସମସ୍ୟାକୁ ସୁଧାରି ନେବାରେ ସାହାଯ୍ୟ କରିବ। ଅବଶ୍ୟ ଖର୍ଚ୍ଚଭାର ବୃଦ୍ଧି ସାଙ୍ଗକୁ ସମୟର ବିନିଯୋଗ କରି କାର୍ଯ୍ୟ ହାସଲ କରିପାରିବେ। ଅଷ୍ଟମସ୍ଥ ଚନ୍ଦ୍ର ଋଣ ପରିଶୋଧ କରିବା ଲାଗି ମାନସିକ ଚାପର ସମ୍ମୁଖୀନ କରାଇପାରନ୍ତି। ଭଲମନ୍ଦର ମିଶ୍ରିତ ଫଳ ଭିତରେ ସାମୟିକ ଟେନ୍‌ସନ ମାନସିକ ସ୍ଥିତିକୁ ବିଭ୍ରାନ୍ତ କରିପାରେ।

**ମୀନ**
ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଚିନ୍ତାଧାରା, କାର୍ଯ୍ୟପଦ୍ଧତି ଓ ଯୋଜନା ସମୂହକୁ ସୁନିୟନ୍ତ୍ରିତ କରାଇବେ। ହାତକୁ ନେଇଥିବା କାମଟି ସହଜରେ ପୂର୍ଣ୍ଣାଙ୍ଗ ହୋଇପାରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଏବଂ ନୂତନ ପ୍ରକଳ୍ପାଦି କାମ ବହୁତ ଭଲରେ ସମ୍ପନ୍ନ ହେବ। ଶୁକ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ ଓ ବନ୍ଧୁମିଳନାଦିରୁ ସାମୟିକ ଖୁସୀ ରହିପାରନ୍ତି।

ଆଜି ଦୋଳପୂର୍ଣ୍ଣିମାଯୁକ୍ତ ଚୈତ୍ର କୃଷ୍ଣ ପ୍ରତିପଦା, ଗୁରୁବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରାଜାଧିରାଜ ବେଶ, ବସନ୍ତୋତ୍ସବ, ଶ୍ରୀଚୈତନ୍ୟଦେବଙ୍କ ଜନ୍ମୋତ୍ସବ, ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୧୬ମି. ଗତେ ଘ୧୧।୪୪ମି. ମଧ୍ୟେ, ଘ୧।୧୨ମି. ଗତେ ଘ୨।୪୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୦ମି. ମଧ୍ୟେ ଘ୧୧।୪୪ମି. ଗତେ, ଘ୧।୧୨ମି. ମଧ୍ୟେ ମାହେନ୍ଦ୍ରବେଳା।

## ସଂକ୍ଷେପରେ

### ଶିଶୁ ଶ୍ରମିକ ଉଦ୍ଧାର

**ସୋର,୨୦।୩(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସ୍ଥାନୀୟ ଷ୍ଟେଶନ ଛକ ଠାରେ ଥିବା ଏକ ହୋଟେଲ୍‌ରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସୋର ଥାନା ଅନ୍ତର୍ଗତ ଟେଣ୍ଟେଇ ଗ୍ରାମର ଏହି ଶିଶୁ ଶ୍ରମିକ ଉକ୍ତ ହୋଟେଲ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଖଇରା ଚାଇଲ୍ଡ ଲାଇନ୍‌ର ନିର୍ଦ୍ଦେଶକ ମଦନ ମୋହନ ବେହେରାଙ୍କ ନେତୃତ୍ୱରେ ଜ୍ୟୋତିପ୍ରକାଶ କର, ପଞ୍ଚାନନ ତ୍ରିପାଠୀ ପ୍ରମୁଖଙ୍କ ଉପସ୍ଥିତିରେ ସମ୍ପୃକ୍ତ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଥିଲା।

### ସ୍କ୍ୱାଡ୍ ଟିମ୍‌କୁ ଘେରିଲେ ପରୀକ୍ଷାର୍ଥୀ

**ଭୋଗରାଇ,୨୦।୩(ଡି.ଏନ୍.ଏ.):** ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ କମର୍ଦ୍ଦା କଲେଜରେ ବୁଧବାର ଅଭାବନୀୟ ପରିସ୍ଥିତି ଉପୁଜିଥିଲା। ଉଚ୍ଚମାଧ୍ୟମିକ ଯୁକ୍ତ୨ ଏଜୁକେସନ ବୋର୍ଡ଼ ପରୀକ୍ଷା ଚାଲୁଥିବାବେଳେ କେନ୍ଦ୍ରୀୟ ସ୍କ୍ୱାର୍ଡ଼ ଟିମ୍ ଅଚାନକ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରିଥିଲେ। କେତେକ ପରୀକ୍ଷାର୍ଥୀଙ୍କ ସଂକ୍ଷିପ୍ତ ପ୍ରଶ୍ନୋତ୍ତରରେ କଲମ ଦାଗ ରହିଥିବାରୁ ସ୍କ୍ୱାର୍ଡ଼ ଟିମ୍ ୭ଜଣ ପରୀକ୍ଷାର୍ଥୀଙ୍କୁ ମାଲ୍ ପ୍ରାକ୍ଟିସ୍ କରିଥିଲେ। ପରୀକ୍ଷାର୍ଥୀମାନେ କପି କରି ନାହାନ୍ତି ବୋଲି ସ୍କ୍ୱାର୍ଡ଼ ଟିମ୍‌କୁ ଜଣାଇଥିଲେ। ହେଲେ ସ୍କ୍ୱାର୍ଡ଼ ଟିମ୍ ସେମାନଙ୍କ କଥା ଶୁଣି ନ ଥିଲେ। ପରୀକ୍ଷା ପରେ ପରୀକ୍ଷାର୍ଥୀମାନେ ସ୍କ୍ୱାର୍ଡ଼ ଟିମ୍‌କୁ ଘେରାଉ କରି କ୍ଷୋଭ ପ୍ରକାଶ କରିଥିଲେ।। ଖବରପାଇ ଅଭିଭାବକ ଓ ଜନସାଧାରଣ ମଧ ଏହି ଘେରାଉରେ ସାମିଲ ହୋଇଥିଲେ। ଏ ନେଇ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ଉଚ୍ଚମାଧ୍ୟମିକ ପରିଷଦ କଣ୍ଟ୍ରୋଲରଙ୍କ ମତାମତ ଲୋଡ଼ା ଯାଇଥିଲା। ଦୀର୍ଘସମୟ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ୭ଜଣ ପରୀକ୍ଷାର୍ଥୀଙ୍କ ଉପରୁ ମାଲ୍ ପ୍ରାକ୍ଟିସ୍ ପ୍ରତ୍ୟାହାର କରାଯାଇଥିଲା। ପରେ କଲେଜ ପରିସ୍ଥିତି ଶାନ୍ତ ପଡିଥିଲା।

### ବ୍ଲକ ଅଫିସରେ ଏସ୍‌ସିଏମ୍‌ଙ୍କ ସପରିବାର ଧାରଣା

**ଜଳେଶ୍ୱର, ୨୦।୩(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତର ଏସସିଏମ୍ ଦୀପକ କୁମାର ପାତ୍ର ଓ ତାଙ୍କ ପରିବାର ସଦସ୍ୟ ମାଆ ଆରତୀ ପାତ୍ର,ଖୁଡ଼ୀ ନିୟତୀ ପାତ୍ର,ବର୍ଷାରାଣୀ ପାତ୍ର,ଭାଇବୋହୂ ତାପସୀ ପାତ୍ର,ସ୍ତ୍ରୀ ସୁପ୍ରିୟା ପାତ୍ର ଆଜି ମଙ୍ଗଳବାର ଦିବା ୧୦ ଟାରୁ ବ୍ଲକ ଅଫିସ ପରିସରରେ ଧାରଣାରେ ବସିଥିଲେ। ଦୀପକ ଦୀର୍ଘବର୍ଷ ଧରି ଚମାରଗାଁ ପଞ୍ଚାୟତର ଏସସିଏମ୍ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ୨୦୧୮ ଫେବୃୟାରୀରୁ ତାଙ୍କୁ ମାସିକ ୧୬୦୦ ଟଙ୍କା ଦରମା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଅଦ୍ୟାବଧି ତାଙ୍କୁ ୧ ବର୍ଷର ଦରମା ମିଳି ନ ଥିବାରୁ ସେ ଲିଖିତ ଭାବେ ଜଣାଇ ଆସୁଥିଲେ ମଧ୍ୟ ବ୍ଲକ୍ କର୍ତ୍ତୃପକ୍ଷ କିଛି ଶୁଣିନଥିଲେ। ଏଥିଲାଗି ବାଧ୍ୟହୋଇ ସପରିବାରେ ବ୍ଲକ ପରିସରରେ ସେ ଧାରଣା ଦେଇଥିଲେ। ଏ ବିଷୟରେ ଉକ୍ତ ପଞ୍ଚାୟତର ଭିଏଲଡବ୍ଲ୍ୟୁଙ୍କୁ ପଚାରିବାରୁ ତାଙ୍କୁ ୫ ମାସ ପୂର୍ବରୁ କାର୍ଯ୍ୟରୁ ବହିଷ୍କାର କରାଯିବା ପାଇଁ ନୋଟିସ୍ ଦିଆଯାଇଥିବା କହିଛନ୍ତି। ଜଳ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ଓମ୍‌ପ୍ରକାଶ ଜେନା କହିଛନ୍ତି ଯେ, ଦୀପକଙ୍କ ଅଭିଯୋଗ ବ୍ଲକ୍ କର୍ତ୍ତୃପକ୍ଷ ବୁଝିବେ। ବିଡିଓ ନିତ୍ୟାନନ୍ଦ ସାହୁ କହିଛନ୍ତି, ପ୍ରକୃତରେ ସେ ଯଦି କାମ କରୁଥାନ୍ତି ତାହା ଅନୁଧାନ କରାଯାଇ ତାଙ୍କୁ ବକେୟା ସହ ସମସ୍ତ ଦରମା ଦିଆଯିବ।

## ନିର୍ବାଚନ ସମୟରେ ଚୋରାମଦ ରୋକିବା ଚିନ୍ତା

# କର୍ମଚାରୀ ଅଭାବ ସାଜିଛି ବାଧକ

**ବାଲେଶ୍ୱର ଅଫିସ, ୨୦।୩**

ବାଲେଶ୍ୱର ଜିଲାରେ ଦିନକୁ ଦିନ ବଢି ଚାଲିଛି ଚୋରାମଦ କାରବାର। ନିର୍ବାଚନ ସମୟରେ ଚୋରାମଦ ବିକ୍ରି ରୋକିବାକୁ ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ଅବକାରୀ ବିଭାଗରେ କର୍ମଚାରୀ ଅଭାବ ଅନ୍ତରାୟ ସାଜିଛି। ଏହାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଜିଲାର ପୂର୍ବ ପାର୍ଶ୍ୱକୁ ଛାଡ଼ିଦେଲେ ଅବଶିଷ୍ଟ ଅଞ୍ଚଳ ମୟୂରଭଞ୍ଜ ଜିଲା ସୀମାକୁ ଲାଗିଛି। ମୟୂରଭଞ୍ଜ ଜିଲାରେ ପ୍ରସ୍ତୁତ ହେଉଥିବା ଦେଶୀମହୁଲି ମଦ ଅବାଧରେ ଜିଲାକୁ ପ୍ରବେଶ କରୁଛି। ମଦ ମାଫିଆମାନେ ନାନା କୌଶଳରେ ଏହାକୁ ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ବାଲେଶ୍ୱର ଜିଲାରେ ଆସ୍କାର୍ଫର୍ଟି ମଦର ମଧ ଯଥେଷ୍ଟ ପ୍ରସାର ଘଟିଛି। ଏହି ଜିଲାର ଶତାଧିକ ସ୍ଥାନରେ ଦେଶୀ ମହୁଲି ମଦ ପ୍ରସ୍ତୁତି ସହ ଏହାକୁ ବିକ୍ରି କରାଯାଉଥିବାର ସୂଚନା ମିଳିଛି।

ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ଚୋରାମଦ ବେପାର ଉପରେ କଡ଼ା ନଜର ରଖିବାକୁ ପ୍ରଶାସନ ପକ୍ଷରୁ ତାଗିଦ କରାଯିବା ପରେ ଜିଲା ଅବକାରୀ ବିଭାଗ ଏ ନେଇ ତତ୍ପରତା ପ୍ରକାଶ କରିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ପ୍ରତି ସରକାରୀ ସ୍ୱୀକୃତି ପ୍ରାପ୍ତ ମଦଦୋକାନରେ ସିସି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସହ ଠିପି ବନ୍ଦ ବିଦେଶୀ ମଦଦୋକାନ ପୂର୍ବାହ୍ନ ସାଢେ ୧୦ରୁ ରାତି ୧୦ଟା ୩୦ ଏବଂ ଠିପି ଖୋଲା ବିଦେଶୀ ମଦଦୋକାନ ପୂର୍ବାହ୍ନ ୧୧ରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ କୁହାଯାଇଛି। ନିର୍ଦ୍ଧାରିତ ପରିମାଣ ଠାରୁ ୩୦% ଅଧିକ ମଦ ବିକ୍ରି କରିବାକୁ ଅନୁମତି ରହିଛି। ଏହାଠାରୁ କେହି ଅଧିକ ବିକ୍ରୟ କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ୍ କରାଯାଇଛି। ଅନ୍ୟପକ୍ଷରେ କୌଣସି ଅଭିଯୋଗ ଆସିଲେ ୧୦୦ ମିନିଟ୍ ଭିତରେ ଏହାକୁ ସମାଧାନ କରାଯିବା ସକାଶେ 'ଲିକର ମନିଟରିଂ କମିଟି' ପ୍ରତି ନିର୍ବାଚନମଣ୍ଡଳୀ ନିମନ୍ତେ ଗଠନ କରାଯାଇ ଥିବାର ବିଭାଗ ପକ୍ଷରୁ କୁହାଯାଇଛି।

ଏସବୁ ସତ୍ତ୍ୱେ ଜିଲାରେ ସକ୍ରିୟ ଥିବା ମଦ ମାଫିଆଙ୍କୁ ପୋଲିସ ଓ ଅବକାରୀ ବିଭାଗ ଠାବ କରି ପାରୁ ନାହିଁ । ସମ୍ପ୍ରତି ବାଲେଶ୍ୱରରୁ ଭଦ୍ରକ ଚାଲାଣ ହେଉଥିବା ବେଳେ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ସ୍କ୍ୱାଡ ଚଢାଉ କରି ଏକାଧିକ ସ୍ଥାନରୁ ଚୋରାମଦ ଜବତ କରିଛନ୍ତି। ଏନେଇ ଜିଲା ଅବକାରୀ ବିଭାଗର ଦକ୍ଷତା ନେଇ ପ୍ରଶ୍ନ ଉଠିଛି। ଏହି ଜିଲାରେ ମୋଟ ୮ ଅବକାରୀ ଥାନା, ୨ ରେଞ୍ଜ ଅଫିସ୍, ଗୋଟିଏ ବଟ୍‌ଲିଂ ୟୁନିଟ୍ ସମେତ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ପ୍ରଶାସନିକ କାର୍ଯ୍ୟ ତୁଲାଉଥିବା ବହୁ ଅଧିକାରୀ ଓ କର୍ମଚାରୀ ପଦବୀ ଦୀର୍ଘଦିନ ଧରି ଖାଲି ପଡିଛି। ଏପରି କି ସହକାରୀ ଅଧୀକ୍ଷକ ପଦବୀ ସହ ୩ ନିରୀକ୍ଷକ, ୨ ଉପନିରୀକ୍ଷକ, ୨ସହ ଉପନିରୀକ୍ଷକ ଏବଂ ୫ଟି କନଷ୍ଟେବଲଙ୍କ ସମେତ ୧୩ ପଦବୀ ଫାଙ୍କା ରହିଛି। ମୋଟ ୬୪ କର୍ମଚାରୀଙ୍କ ମଧ୍ୟରୁ ୫୧ କର୍ମଚାରୀ ଥିବାରୁ ଜିଲାରେ ବୃଦ୍ଧି ପାଉଥିବା ଚୋରା ମଦ କାରବାରକୁ ରୋକିବା ସମ୍ଭବ ହୋଇ ପାରୁ ନ ଥିବା ବିଭାଗ ପକ୍ଷରୁ କୁହାଯାଉଛି।

ଉଲ୍ଲେଖନୀୟ ଯେ, ଜିଲାରେ ସରକାରୀ ମଞ୍ଜୁରୀପ୍ରାପ୍ତ ୫୦ ଠିପି ବନ୍ଦ ବିଦେଶୀ ମଦଦୋକାନ, ୧୬ ଠିପି ଖୋଲା ବିଦେଶୀ ମଦଦୋକାନ ଏବଂ ୨୪ ଦେଶୀ ଆସ୍କାଫର୍ଟି ମଦ ଦୋକାନ ରହିଛି। ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ବ୍ୟତୀତ ଜିଲାରେ ଏକ ହଜାରରୁ ବହୁ ଊର୍ଦ୍ଧ୍ୱ ସ୍ଥାନରେ ଚୋରା ଦେଶୀବିଦେଶୀ ମଦଦୋକାନ ଚାଲୁଥିବା ବେସରକାରୀ ସୂତ୍ରରୁ ଜଣାପଡିଛି। ଏଥର ନିର୍ବାଚନ ସମୟରେ ଚୋରା ମଦର ପ୍ରସାର ଘଟିଲେ, ଏହା ବିଶୃଙ୍ଖଳାର କାରଣ ହୋଇ ପାରେ ବୋଲି ଲୋକେ ଆଶଙ୍କା ପ୍ରକାଶ କରୁଛନ୍ତି। ଅବକାରୀ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଅବକାରୀ ବିଭାଗର କର୍ମଚାରୀ ଅଭାବ ସମସ୍ୟା ପ୍ରତି ସରକାରଙ୍କ ଆଦୌ ନଜର ନାହିଁ । କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ବିଭାଗର ବିଚିତ୍ର ବ୍ୟବସ୍ଥାମାନ ରହିଛି। ବିଭାଗୟ ନିରୀକ୍ଷକ, ଉପନିରୀକ୍ଷକ, ସହ ଉପନିରୀକ୍ଷକଙ୍କୁ ସାଇକେଲ ଆଲାଉନ୍ସ ବାବଦରେ ମାସିକ ୩୦ଟଙ୍କା ମିଳୁଥିବା ବେଳେ କନଷ୍ଟେବଲଙ୍କୁ ୧୫୦ଟଙ୍କା ଦିଆଯାଉଛି। ସରକାରଙ୍କ ସହଯୋଗ ଓ କର୍ମଚାରୀଙ୍କ ବିନା କିପରି ଚୋରାମଦ କାରବାର ରୋକାଯାଇ ପାରିବ ବୋଲି ଏହି ଅଧିକାରୀ ଜଣଙ୍କ ପାଲଟା ପ୍ରଶ୍ନ କରିଥିଲେ । ଏ ସମ୍ପର୍କରେ ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭଦ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ଯୋଜନାବଦ୍ଧ ଭାବେ ବିଭିନ୍ନ ସ୍ଥାନରେ ଚଡାଉ କରି ଚୋରା ମଦ କାରବାର ରୋକିବାକୁ ଉଦ୍ୟମ ଜାରି ରହିଛି। ତେବେ କର୍ମଚାରୀ ଅଭାବ ସମସ୍ୟା ଏଥିରେ ବାଧକ ହେଉଥିବା ସେ କହିଛନ୍ତି।



ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭଦ୍ରା।

- ସ୍ୱୀକୃତିପ୍ରାପ୍ତ ମଦଦୋକାନରେ ସିସି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ
- ୬୪ କର୍ମଚାରୀଙ୍କ ମଧ୍ୟରୁ ଏବେ ଅଛନ୍ତି ୫୧

## ବାଲିଆପାଳରେ ବିଜୟ ସଙ୍କଳ୍ପ ସଭା

**ବାଲିଆପାଳ, ୨୦।୩ (ଡି.ଏନ୍.ଏ.):** ଭାଜପା ପକ୍ଷରୁ ମଙ୍ଗଳବାର ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ବିଜୟ ସଂକଳ୍ପ ଅଭିଯାନ ସଭା କରାଯାଇଥିଲା। ବାଲିଆପାଳ ବ୍ଲକର କୁଣ୍ଡୁଳୀ ନିମପଦା ହାଟ, ସାଉଟି ଚକ ହରିମନ୍ଦିର ଛକ ଅଦଭୁତିଆ ହାଟ, ରତେଇ ବଜାର, କାଳସିମୁଳି, ଦ୍ୱାରିକା ବଜାର, ପଞ୍ଚୁପାଲି ଛକ ପ୍ରଭୃତି ସ୍ଥାନରେଭାଜପା ନେତୃମଣ୍ଡଳୀ ସଭାରେ ଯୋଗ ଦେଇ ୧୯ ବର୍ଷରେ ରାଜ୍ୟ ସରକାରଙ୍କ ଅପାରଗତା ବଖାଣିଥିଲେ। ଏଥିସହ ସେମାନେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନାର ସୁଫଳ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ରାଜ୍ୟବାସୀ ପାଇପାରୁନାହାନ୍ତି ବୋଲି କହିଥିଲେ। ଚିଟଫଣ୍ଡ ଟଙ୍କା ଲୋକଙ୍କୁ ନ ଫେରେଇ ନବୀନ ପଟ୍ଟନାୟକଙ୍କ ସରକାର ସହିତ ପ୍ରତାରଣା କରିଛନ୍ତି ବୋଲି ସେମାନେ କହିଥିଲେ। ସୂର୍ଯ୍ୟନାରାୟଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏସବୁ ସଭାରେ ଭାଜପା ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ, ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା, ଜିଲା କମିଟି ସଦସ୍ୟ ଅରବିନ୍ଦ ବେହେରା, କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଦ୍ୱୈତ ବାଗ,ଲଙ୍ଗଳେଶ୍ୱର ମଣ୍ଡଳ ସବାପତି ଶାରଦା ଗିରି ପ୍ରମୁଖ ଯୋଗ ଦେଇଥିଲେ।



ବୁଧବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

- ଧାନର ଅଭାବୀ ବିକ୍ରି ଜାରି
- ଜାତୀୟ ରାଜପଥରେ ଆମରଣ ଅନଶନ ଚେତାବନୀ

**ବାଲେଶ୍ୱର ଅଫିସ,୨୦।୩**

ବାଲେଶ୍ୱର ଜିଲାରେ ଧାନର ଅଭାବୀ ବିକ୍ରି ଦିନକୁ ଦିନ ବଢ଼ିବାରେ ଲାଗିଛି। ଉତ୍ପାଦନ ତୁଳନାରେ ସରକାର କମ୍ ଟାର୍ଗେଟ ରଖି ଧାନ କିଣିବାରୁ ଅନେକ ଚାଷୀ ଧାନ ବିକି ନ ପାରି ହତାଶ ହୋଇଛନ୍ତି। ସରକାର ବଳକା ଧାନ କିଣିବେ ବୋଲି କହିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହାର ପ୍ରତିବାଦରେ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ବରୁଣସିଂ, ଶେରଗଡ଼, ମହାରାଜପୁର ପଞ୍ଚାୟତର ଚାଷୀମାନେ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଘେରାଉ କରିଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ୨୯ ତାରିଖରେ ସେମାନେ ଜାତୀୟ ରାଜପଥରେ ଆମରଣ ଅନଶନ କରିବେ ଚେତାବନୀ ଦେଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

ଏହି ଆନ୍ଦୋଳନକାରୀ ଦର୍ଶାଇଥିଲେ ଯେ, ସ୍ଥାନୀୟ ବରୁଣସିଂ ସୋସାଇଟି ମାଧ୍ୟମରେ ଧାନ କିଣିବା ଲାଗି ସରକାର ବ୍ୟବସ୍ଥା କରିଥିଲେ। କିନ୍ତୁ ତ୍ରୁଟିପୂର୍ଣ୍ଣ ନୀତି ଓ ବ୍ୟବସ୍ଥା ଯୋଗୁ ଅଦ୍ୟାବଧି ଚାଷୀମାନେ ଶତାଧିକ କୁଇଣ୍ଟାଲ ଧାନ ବିକ୍ରି କରି ପାରି ନାହାନ୍ତି। ଏ ନେଇ ସେମାନେ ଜିଲାପାଳ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହ ଗତ ୮ ତାରିଖରେ ଶେରଗଡ଼ସ୍ଥିତ ୧୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରଶାସନ ବାରମ୍ବାର ପ୍ରତିଶ୍ରୁତି ଦେଇ କୌଣସି ପଦକ୍ଷେପ ନେଇ ନ ଥିବା ଚାଷୀମାନେ ଦର୍ଶାଇଥିଲେ। କୁଳିଗାଁ ସରପଞ୍ଚ ଦନାର୍ଦ୍ଦନ ଦାସ କହିଛନ୍ତି ଯେ, ଜିଲାରେ ବିଭିନ୍ନ ସୋସାଇଟି ମାଧ୍ୟମରେ ଧାନ କିଣିବାକୁ ସରକାର ସ୍ଥିର କରିଥିବା ଟାର୍ଗେଟ୍‌କୁ ଯୋଗାଣ ବିଭାଗ ପୂରଣ କରିଥିବା କହୁଛି। କିନ୍ତୁ ରାଜନୈତିକ ଚକ୍ରାନ୍ତ ଯୋଗୁ ବରୁଣସିଂ ସୋସାଇଟିରେ ଅଦ୍ୟାବଧି ସରକାରୀ ଟାର୍ଗେଟ୍‌ରୁ ୬ଶହ କୁଇଣ୍ଟାଲ କମ୍ ଧାନ କିଣାଯାଇଛି। ଏହି ଅଞ୍ଚଳର ଚାଷୀଙ୍କ ପାଖରେ ୨୮ହଜାର କୁଇଣ୍ଟାଲରୁ ଅଧିକ ଧାନ ପଡ଼ି ରହିଛି। ସରକାର ଓ ପ୍ରଶାସନ ଏହାକୁ ବିଚାରକୁ ନେଇ ପ୍ରତିକାର ନ କଲେ ଆସନ୍ତା ମାର୍ଚ୍ଚ ୨୯ରେ ଚାଷୀମାନେ ଜାତୀୟ ରାଜପଥରେ ଧାନବସ୍ତା ରଖି ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଚାଷୀ ମନୋରଞ୍ଜନ ରାଉତ, ବିଜୟ ରାଉତ, ସଞ୍ଜୟ କୁମାର ରାଉତ, ସୁଶାନ୍ତ ମଲିକ, ଗୋପୀନାଥ ମଣ୍ଡର, ସୁଦର୍ଶନ ରାଉତ, ରବୀନ୍ଦ୍ର ମଲିକ ପ୍ରମୁଖ ବହୁ ଚାଷୀ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ସାକ୍ଷାତକରି ଏ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଜିଲା ଯୋଗାଣ ବିଭାଗ ଅଧିକାରୀ ଓ ପରିଚାଳକ ରବି ନାରାୟଣ ପୃଷ୍ଟିଙ୍କୁ ଏ ସମ୍ପର୍କରେ ପଚାରିବାରୁ କହିଛନ୍ତି, ଜିଲାରେ ୧୭ଲକ୍ଷ ୩୮ହଜାର ୭୭୭ କୁଇଣ୍ଟାଲ ଧାନ କ୍ରୟ ସରିଛି, ଯାହାକି ଗତବର୍ଷ ଠାରୁ ୭ଲକ୍ଷ କୁଇଣ୍ଟାଲ ଅଧିକ। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ବରୁଣସିଂ ସୋସାଇଟି ପାଇଁ ୨୨୧୮୮.୬୮ କୁଇଣ୍ଟାଲ ଧାନ ପଞ୍ଜୀକରଣ କରିଥିବା ଚାଷୀଙ୍କଠାରୁ କ୍ରୟ କରିବା ପାଇଁ ଟାର୍ଗେଟ୍ ଦିଆଯାଇଥିଲା। ମିଲରଙ୍କ ସିକ୍ୟୁରିଟି ଡିପୋଜିଟ୍ ଅନୁସାରେ ସେଥିରୁ ୧୬୪୧୪.୭୧ କୁଇଣ୍ଟାଲରୁ ୧୫୮୧୪.୭୧ କୁଇଣ୍ଟାଲ ଧାନ କ୍ରୟ ସରିଛି। ବାକି ଥିବା ୭ଶହ କୁଇଣ୍ଟାଲ ମିଲରର ଅସୁବିଧା କାରଣରୁ କିଣା ଯାଇ ପାରି ନାହିଁ। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ।

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବାଲେଶ୍ୱର ଅଫିସ,୨୦।୩**

ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ବୁଧବାର ନାବାଳିକାଙ୍କୁ ବଳାତ୍କାର କରି ହତ୍ୟା କରାଯିବା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ୬ମାସ ଜେଲ୍‌ଦଣ୍ଡଭୋଗିବାକୁ ପଡ଼ିବ ।

ମକଦ୍ଦମା ବିବରଣୀ ଅନୁଯାୟୀ ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ହାତୀଆଗଣ୍ଡ ଅଞ୍ଚଳରେ ଗତ ୨୦୧୬ ଏପ୍ରିଲ ୨୪ ତାରିଖରେ ଜଣେ ୮ବର୍ଷୀୟ ନାବାଳିକା ଶୌଚ ହେବା ପାଇଁ ନିକଟସ୍ଥ ସୋନ ନଦୀ ପଠାକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ମା' ଓ ପରିବାରବର୍ଗ ବ୍ୟସ୍ତହୋଇ ଖୋଜାଖୋଜି କରିଥିଲେ। ଏହି ନାବାଳିକା କାଳେ ନଦୀରେ ବୁଡ଼ି ଯାଇଥିବେ ଆଶଙ୍କା କରି ରାତି ୧୦ଟା ସମୟରେ ଅଗ୍ନିଶମ ବିଭାଗର ଦମକଳବାହିନୀକୁ ଖବର ଦିଆଯାଇଥିଲା। ଦମକଳବାହିନୀ ଖୋଜାଖୋଜି କରି ବିଫଳ ହୋଇଥିଲେ। ଏହା ପରଦିନ କେତେକ ଗ୍ରାମବାସୀ ନଦୀ ନିକଟସ୍ଥ ପଦାରେ ନାବାଳିକାଙ୍କ ଫ୍ରକ୍, ଚପଲ ଓ ଚୁଡ଼ି ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ କରିବାରୁ ନଦୀ ପଦାରେ ଥିବା ଏକ ବୁଦା ମୂଳରେ ନାବାଳିକାଙ୍କ ମୃତଦେହକୁ ପୋତି ଦିଆଯାଇଥିବା ଦେଖାଯାଇଥିଲା। ଏହା ହତ୍ୟାକାଣ୍ଡ ବୋଲି ଜଣାପଡିବାରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଗ୍ରାମବାସୀ ଦାବିକରି ଆନ୍ଦୋଳନ କରିଥିଲେ। ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଯୁବକ ମୁନା ଦାସ(୧୯)ଙ୍କୁ ଧରିଥିଲା। ମୁନାଙ୍କ ଘର ବାସୁଦେବପୁର ଥାନା ଇରମସ୍ଥିତ ସାଉଁ ଗ୍ରାମରେ । ସେ ଏଠାରେ ହାତୀଆଗଣ୍ଡ ଗ୍ରାମସ୍ଥିତ ତାଙ୍କ ମାମୁ ଘରେ ରହୁଥିଲା। ଏହି ଘଟଣା ନେଇ ରେମୁଣା ଥାନାରେ ମୃତା ନାବାଳିକାଙ୍କ କକା ଭଗବାନ ଦାସ ଲିଖିତ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ପୋକ୍ସୋ ଆକ୍ଟରେ ବଳାତ୍କାର ଓ ହତ୍ୟା ମାମଲା (ନଂ. ୬୦।୨୦୧୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ମାମଲାରେ ୧୪ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଏହାଛଡ଼ା ୨୬ ଦସ୍ତାବିଜ୍‌କୁ ବିଚାର କରି ଅଦାଲତ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଆଇନଜୀବୀ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲା

# ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ବାଲେଶ୍ୱର ଅଫିସ,୨୦।୩**

ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରାଯିବା ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଦ୍ୱିତୀୟ ଜିଲା ଦୌରାଜଜ୍ ଦେବାଶିଷ ରାଉତ ବୁଧବାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଅଜୟ ସିଂ ଙ୍କୁ ୩୭୬ (୧/୨, ଏଲ୍) ଦଫାରେ ୧୦ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଧମକ ଦେବା ଘଟଣାରେ ୫୦୬ ଦଫାରେ ୬ମାସ ଜେଲଦଣ୍ଡାଦେଶ ଦିଆଯାଇଛି। ଏଥିସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ନ ଦେଲେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ।

ମକଦ୍ଦମା ବିବରଣୀ ଅନୁଯାୟୀ ଗତ ୨୦୧୭ ଜୁନ୍ ୩୦ତାରିଖରେ ବାଲେଶ୍ୱର ଜିଲା ନୀଳଗିରି ସହରର ଜଣେ ଭିନ୍ନକ୍ଷମ ଯୁବତୀ ନିଜର ଭଉଣୀ ଘର ପଞ୍ଚୁଲିଙ୍ଗେଶ୍ୱରକୁ ବୁଲିଯାଇଥିଲେ। ଭିନ୍ନକ୍ଷମ ଯୁବତୀଙ୍କ ଭଉଣୀ ଜଣେ ଅଙ୍ଗନୱାଡ଼ି କର୍ମୀ । ଘଟଣା ଦିନ ସେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଏବଂ ତାଙ୍କ ଭିଣୋଇ ନିଜର କାମକୁ ଚାଲିଯିବାରୁ ଭିନ୍ନକ୍ଷମ ଯୁବତୀ ଜଣକ ଘରେ ଏକୁଟିଆ ରହିଥିଲେ। ଏହାର ସୁଯୋଗ ନେଇ ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ନୀଳଗିରି ଥାନା ଅଧୀନ ପଞ୍ଚୁଲିଙ୍ଗେଶ୍ୱର ଗ୍ରାମର ଅଜୟ ସିଂ (୩୦) ଭିନ୍ନକ୍ଷମ ଯୁବତୀକୁ ବଳପୂର୍ବକ ନିକଟସ୍ଥ ପାଟଚଣ୍ଡୀ ପାହାଡ଼କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ତାଙ୍କ ଭଉଣୀ ଅଙ୍ଗନୱାଡ଼ି କେନ୍ଦ୍ରରୁ ଫେରି ସାନଭଉଣୀକୁ ନ ପାଇବାରୁ ସ୍ୱାମୀ ଏବଂ ପରିବାର ଲୋକଙ୍କ ସହ ମିଶି ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ଯାଇ ପହଞ୍ଚିଯିବାରୁ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ପୀଡିତା ଭିନ୍ନକ୍ଷମ ଯୁବତୀଙ୍କୁ ସେମାନେ ଘରକୁ ଆଣି ପରେ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ. ୧୯୦/୨୦୧୭) ରୁଜୁ କରି ତଦନ୍ତ କରିଥିଲା। ୧୦ଜଣଙ୍କଠାରୁ ସାକ୍ଷ୍ୟ, ପ୍ରମାଣ ଓ ୧୦ଟି ଦସ୍ତାବିଜ୍ ମୂଳେ ବିଚାରପତି ମାମଲାର ବିଚାର କରି ଅଭିଯୁକ୍ତ ଅଜୟଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ଦୀପକ ଦାଶ ମାମଲା ପରିଚାଳନା କରୁଥିଲେ।

# ଘରେ ଘରେ ଲାଗିଲା ଶଙ୍ଖ ଚିହ୍ନ



ବୁଧବାର ଘରେ ଘରେ ଶଙ୍ଖ ଚିହ୍ନ ଲଗାଇବା କାର୍ଯ୍ୟକ୍ରମରେ ସାମିଲ ମହିଳା।

**ବାଲେଶ୍ୱର ଅଫିସ,୨୦।୩:** ବାଲେଶ୍ୱର ବିଜୁ ଜନତା ଦଳର ମହିଳା ମୋର୍ଚ୍ଚା ପକ୍ଷରୁ 'ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ' ଗତ ୧୭ତାରିଖରୁ ଜାରି ରହିଛି। ଅଦ୍ୟାବଧି ୪ହଜାରରୁ ଊର୍ଦ୍ଧ୍ୱ ପରିବାରଙ୍କ ସହମତିରେ ସେମାନଙ୍କ ଘରେ ଶଙ୍ଖ ଚିହ୍ନ ଲଗାଯାଇ ନବୀନ ପଟ୍ଟନାୟକଙ୍କ ଜନହିତକର ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଟାଉନ୍ ବିଜେଡି ମହିଳାମୋର୍ଚ୍ଚା ସଭାପତି ରଞ୍ଜିତା ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ କାଉନ୍‌ସିଲର ଏବଂ ଅନ୍ୟ ନେତ୍ରୀମାନେ ଏକତ୍ର ଭାବରେ ବୁଧବାର ପୌରପାଳିକାର ୨୭ ଓ ୩୦ନଂ ୱାର୍ଡ଼ରେ ଏହି କାର୍ଯ୍ୟକ୍ରମ କରିଥିଲେ। ସୁସ୍ମିତା ନାୟକ, ରେହେମାତୁନ ବିବି, କୁଞ୍ଜଲତା ବେହେରା, ମିନତୀ ସେଠୀ, ସନ୍ଧ୍ୟାରାଣୀ ଜେନା, ମୁନୁରାଣୀ ନାୟକ, କବିତା ମୁର୍ମୁ, ଶକୁନ୍ତଳା ସିଂ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ପୂର୍ବରୁ ଅନ୍ୟ ୧୪ଟି ୱାର୍ଡ଼ରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ବିଜୁ ଜନତା ଦଳର ମିଶ୍ରଣ ପର୍ବ

**ବାଲେଶ୍ୱର ଅଫିସ,୨୦।୩:** ବାଲେଶ୍ୱର ଜିଲା ସଭାପତି ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନୂଆକରି ଦଳରେ ମିଶିଥିବା କର୍ମୀଙ୍କୁ ସ୍ୱାଗତ କରାଯାଇ କୁଳିଗାଁ ପଞ୍ଚାୟତରୁ ବିଜେଡି କିଭଳି ପ୍ରତିପକ୍ଷ ଦଳ ଠାରୁ କିଭଳି ଅଧିକ ଭୋଟ୍ ପାଇବ ସେ ନେଇ ଜିଲାସଭାପତି ଗୁରୁମନ୍ତ୍ର ଦେଇଥିଲେ। ଏଥିରେ କୁଳିଗାଁ ପଞ୍ଚାୟତର ସମାଜସେବୀ ତାପସ ନାୟକ ଏବଂ ଲକ୍ଷ୍ମୀଧର ମଲ୍ଲିକଙ୍କ ନେତୃତ୍ୱରେ ବିଦ୍ୟାଧର ମଲ୍ଲିକ, ବସନ୍ତ ମଲ୍ଲିକ, ବିନୋଦ କୁମାର ସେଠୀଙ୍କ ସମେତ ଅନ୍ୟୁନ ୩୫ଜଣ ଯୁବକ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଥିଲେ। ଗ୍ରାମର ବିଜେଡି ସଭାପତି ଜ୍ଞାନରଞ୍ଜନ ନାୟକଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ସେହିପରି ରେମୁଣା ବ୍ଲକ ସଭାପତି ଗୋପିନାଥ ସେନାପତିଙ୍କ ସଭାପତିତ୍ୱରେ ମଙ୍ଗଳବାର ଜିଲାସଭାପତିଙ୍କ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ସେରଗଡ଼ ପଞ୍ଚାୟତର ଯୁବନେତା ମାୟାଧର ରାଉତ ଏବଂ ପୂର୍ବତନ ୱାର୍ଡ଼ସଭ୍ୟ କାଶୀନାଥ ବାରିକ, ସାଧନା ନନ୍ଦ ସଲ, ଉଦୟ ଚରଣ ନାୟକ, ମହେନ୍ଦ୍ର ମଙ୍ଗଳ, ଗୌତମ ପରିଡ଼ା, କୈଳାଶ ଅଣ୍ଡିଆଙ୍କ ସମେତ ୪୦ ସଦସ୍ୟ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ସୁବାସିନୀ ଜେନା, ଜିଲା ଉପସଭାପତି ତଥା ବ୍ରିଟ୍ ଅଧକ୍ଷ ଗୌରୀ କୁମାର ରାଉତ, ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ବୁଧବାର ଏମ୍‌ପିଙ୍କ ଉପସ୍ଥିତିରେ ବହୁ ଯୁବକ ବିଜେଡରେ ସାମିଲ।

# କାଗଜକଲମରେ ସୀମିତ ଜଳସେଚନ

ଭଦ୍ରକ ଅଫିସ, ୨୦।୩

ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଗୁରୁତ୍ୱ ଦିଆଯାଉଛି। ହେଲେ ଭଦ୍ରକ ଜିଲାରେ ଉପଯୁକ୍ତ ଭିତ୍ତିଭୂମି ଅଭାବରୁ ଚାଷ ପ୍ରତି ବିମୁଖ ହେଉଛନ୍ତି ଚାଷୀ। କାଗଜକଲମରେ ଜଳସେଚନ ବ୍ୟବସ୍ଥା ସୀମିତ ରହିଛି। ଏହି ଯୋଜନା ଜିଲାରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପାରମ୍ପରିକ ଜଳସେଚନ ଉତ୍ସ ଉପରେ ନିର୍ଭର କରି ଚାଷୀ ହତୋତ୍ସାହିତ ହେଉଛନ୍ତି। ଜିଲାର ପ୍ରମୁଖ ଜଳସେଚନ ଉତ୍ସ କୁହାଯାଉଥିବା ସାଳନ୍ଦୀ ପ୍ରକଳ୍ପ ୧୦ ବର୍ଷ ଧରି ମରାମତି ଚାଲିଥିବାରୁ ରବି ଋତୁରେ ଚାଷଜମିକୁ ପାଣି ଦିଆଯାଇପାରୁ ନାହିଁ। ଫଳରେ ଚାଷୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଜଳସେଚନ ପରି ମୌଳିକ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ଚାଷର ଭିତ୍ତିଭୂମି ସୁଦୃଢ଼ ହୋଇପାରୁ ନାହିଁ।

ବିଭିନ୍ନ ସ୍ଥାନରେ ଜଳସେଚନ ପ୍ରକଳ୍ପ ଦୀର୍ଘବର୍ଷ ଧରି ଅଚଳ ହୋଇ ପଡ଼ିରହିଥିଲେ ମଧ୍ୟ ମରାମତି କରାଯାଉ ନ ଥିବା ଅଭିଯୋଗ ହେଉଛି। କେବଳ ଖରାଦିନ ଆସିଲେ କାଗଜକଲମରେ ପ୍ରକଳ୍ପଗୁଡ଼ିକର ମରାମତି ହେଉଥିବା ଦର୍ଶାଇ ଲକ୍ଷାଧିକ ଟଙ୍କା ବିଲ୍ କରାଯାଉଛି। ଖରିଫ ଋତୁରେ ଚାଷୀଙ୍କୁ ମରୁଡ଼ି ଭଳି ପରିସ୍ଥିତି ସାମ୍ନା କରିବାକୁ ପଡୁଛି। ବାସୁଦେବପୁର ବ୍ଲକରେ ଇଷ୍ଟକୋଷ୍ଟ କେନାଲ ସ୍ଲୁଇସ୍ ଗେଟ୍ ହୋଇପାରୁ ନ ଥିବାରୁ ମଧୁର ଜଳ ସଂରକ୍ଷଣ କରାଯାଇ ଜଳସେଚନ କରାଯାଇପାରୁ ନାହିଁ। ସେହିଭଳି ତିହିଡ଼ି ବ୍ଲକରେ ଜଳସେଚନ ସମସ୍ୟା ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି। ବ୍ଲକରେ ମୋଟ ୨୨,୬୮୩ ହେକ୍ଟର ଜମିରୁ ୧୬,୮୮୭ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ହୋଇପାରୁ ନାହିଁ। ଧାମନଗରର ୬ଟି ପଞ୍ଚାୟତ ବାରିକପୁର କେନାଲ ଉପରେ ଜଳସେଚନ ପାଇଁ ନିର୍ଭର କରୁଥିବା ବେଳେ ଅନ୍ୟ ପଞ୍ଚାୟତଗୁଡ଼ିକ ବୈତରଣୀ, କୋଚିଲା ନଦୀ ଉପରେ ନିର୍ଭର କରନ୍ତି। ରବି ଫସଲ ସମୟରେ ଜଳସେଚିତ ହୋଇଥାଏ। ଖରିଫ ସମୟରେ କେବଳ ଉଠାଜଳସେଚନ ପ୍ରକଳ୍ପ ହିଁ ଭରସା। ଚାନ୍ଦବାଲି ବ୍ଲକରେ ଜଳସେଚନ ପାଇଁ କେନାଲ ଓ ନାଳ ଉପରେ ନିର୍ଭର କରନ୍ତି ଚାଷୀ। ସବୁ ନାଳରେ ବର୍ଷର ୬ ମାସ ଲୁଣାପାଣି ଆସୁଥିବାରୁ ଜଳସେଚନ ଅନୁପଯୋଗୀ ହୋଇଥାଏ। ଗଳିଆ, ନୂଆନଈ, ନଟିଆ ବହୁମୁଖୀ ଜଳସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଲାଗିପାରୁ ନାହିଁ। ସେହିଭଳି ବନ୍ତ ବ୍ଲକର ସାଳନ୍ଦୀ କେନାଲ ଉପରେ ନିର୍ଭର କରନ୍ତି। ରବି ଋତୁ ସମୟରେ କେନାଲ ସଂସ୍କାର ଯୋଜନା ୧୦ବର୍ଷ ଧରି ଚାଲିଥିବାରୁ ଚାଷୀ ପାଣି ଟୋପାଏ ପାଉନାହାନ୍ତି। ଏ ସମ୍ପର୍କରେ ଉପ କୃଷି ନିର୍ଦ୍ଦେଶକ କିରଣ କୁମାର ପରିଡ଼ାଙ୍କୁ ପଚାରିବାରୁ କହିଛନ୍ତି, ଜଳସେଚନ ପାଇଁ ବ୍ୟବସ୍ଥା କରାଯାଉଛି। କିନ୍ତୁ ଦୀର୍ଘମିଆଦି ଯୋଜନା ହୋଇଥିବାରୁ କାମ ଠିକ୍ ସମୟରେ ସରିପାରୁ ନାହିଁ। ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ମରାମତି ହୋଇପାରୁ ନ ଥିବାରୁ ଚାଷୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଏଥିପ୍ରତି ବିଭାଗ ଦୃଷ୍ଟି ଦେଉଥିବା ସେ କହିଛନ୍ତି।

କୃଷି ବିଭାଗର ରିପୋର୍ଟ ମୁତାବକ ୨୦୧୪ରେ ଖରିଫ ଋତୁରେ ଏହି ଜିଲାରେ ମୋଟ ୧, ୬୧, ୮୭୫ ହେକ୍ଟର ଧାନ ଚାଷ ହୋଇଥିଲା ବେଳେ ୧୨,୧୮୮ ହେକ୍ଟର ଜମିରେ ଅଣ ଧାନ ଚାଷ ହୋଇଥିଲା। ୨୦୧୮ରେ ଏହି ଜମି ୧, ୬୧, ୫୦୦ ହେକ୍ଟରକୁ କମିଥିବା ବେଳେ ୧୨, ୫୬୩ ହେକ୍ଟରରେ ଅଣଧାନ ଚାଷ ହୋଇଛି। ପ୍ରତିବର୍ଷ ଜଳସେଚନ ବ୍ୟବସ୍ଥା ସୁଦୃଢ଼ କରାଯାଇ ସରକାର ଯଦି ଯୋଜନା ପ୍ରଣୟନ କରୁଛନ୍ତି ତେବେ ଧାନ ଚାଷ ବଢ଼ିବା ପରିବର୍ତ୍ତେ କମୁଛି କାହିଁକି ବୋଲି ବହୁ ଚାଷୀ ମତ ପ୍ରକାଶ କରିଛନ୍ତି। ୨୦୧୪ ଖରିଫ ଋତୁରେ ୧, ୧୦, ୧୫୪ ହେକ୍ଟର ଜମି ଜଳସେଚିତ ହୋଇଥିଲା। ଏହା ୨୦୧୯ରେ ମାତ୍ର ୩,୨୪୭ ଚାଷଜମି ବଢ଼ି ୧, ୧୩, ୪୦୧ ହେକ୍ଟରରେ ପହଞ୍ଚିଛି। ଦୀର୍ଘ ୪ ବର୍ଷରେ ଆଶାତୀତ ଜଳସେଚନ ଜମି ପରିମାଣ ବଢ଼ିପାରି ନାହିଁ। ରବିଋତୁରେ ସାଳନ୍ଦୀ ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଜମି ଜଳସେଚିତ ହୋଇପାରୁ ନାହିଁ। ଖରିଫ ଋତୁରେ ବୃହତ୍ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୦୧୪ରେ ୬୮, ୩୫୮ ହେକ୍ଟର ଜଳସେଚିତ ହୋଇଥିଲା। ୨୦୧୮ରେ ସରକାରଙ୍କ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ସୁଦ୍ଧା ଜଳସେଚିତ ଜମି ବଢ଼ିବା ପରିବର୍ତ୍ତେ ୬୭, ୯୫୪ ହେକ୍ଟରକୁ କମିଛି। ସେହିଭଳି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୦୧୪ରେ ୨୦୮୫ ହେକ୍ଟର ଜଳସେଚିତ ହୋଇଥିଲା। ୪ ବର୍ଷ ପରେ ମାତ୍ର ୩୪୭ ହେକ୍ଟର ବଢ଼ି ୨୪୩୨ ହେକ୍ଟର ହୋଇଛି।


ବାସୁଦେବପୁରର ଏକ ଅଚଳ ଜଳସେଚନ ପ୍ରକଳ୍ପ।

- ୧୦ ବର୍ଷ ଧରି ସାଳନ୍ଦୀ ପ୍ରକଳ୍ପ ମରାମତି ଚାଲିଛି
- ବିଭିନ୍ନ ସ୍ଥାନରେ ଉଠାଜଳସେଚନ ପଏଣ୍ଟ ଅଚଳ
- ରବି ଚାଷ ପ୍ରତି କମୁଛି ଚାଷୀଙ୍କ ଆଗ୍ରହ

## ସଂକ୍ଷେପରେ

### ଟ୍ରକ ଚାପାରେ ଜୀବନ ଗଲା

ଭଦ୍ରକ ଅଫିସ, ୨୦।୩: ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭଦ୍ରକ-ଆରଡ଼ି ରାସ୍ତାର ବିନାୟକ କଲେଜ ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ଚାଉଳ ବୋଝେଇ ଟ୍ରକ ଚାପାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଷ୍ଣୁପୁର ବିନ୍ଧା ଗ୍ରାମର ସେକ୍ ସାୟଦ ଅଲ୍ଲୀ(୪୫)। ସୂଚନା ଅନୁସାରେ, ସେକ୍ ସାୟଦ ଅଲ୍ଲୀ ଆରଡ଼ି ଛକଠାରେ ଥିବା ଏକ ଟେଲର ଦୋକାନରେ କାର୍ଯ୍ୟ କରୁଥିଲେ। ମଧ୍ୟାହ୍ନରେ ସେ ସାଇକେଲରେ ଘରକୁ ଫେରୁଥିବା ବେଳେ ବଲାଜିତପଡ଼ା ଖାଦ୍ୟ ନିଗମକୁ ଚାଉଳ ବୋଝେଇ କରି ଯାଉଥିବା ଉକ୍ତ ଟ୍ରକ ତାଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଟ୍ରକ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ମଦ ବୋଝେଇ ବୋଲେରୋ ଜବତ



ଭଦ୍ରକ ଅଫିସ, ୨୦।୩: ଭଦ୍ରକ ପୁରୁଣାବଜାର ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ମିର୍ଜାପୁର ଛକରୁ ୧ ହଜାର ଲିଟର ଦେଶୀ ମଦ ବୋଝେଇ ଏକ ବୋଲେରୋ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଏହି ମଦ ପୁରୁଣା ବାଲେଶ୍ୱର ଅଞ୍ଚଳରୁ ଭଦ୍ରକକୁ ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ଗାଡ଼ି ମାଲିକଙ୍କ ବିରୋଧରେ ଏକ ମାମଲା (ନଂ.୫୬/୧୯) ରୁଜୁ କରାଯାଇଛି।

### ବିବିସିସି ବ୍ୟାଙ୍କ ବନ୍ତ ଶାଖାର ସମୀକ୍ଷା ବୈଠକ

ବନ୍ତ, ୨୦।୩ (ଡି.ଏନ.ଏ.) : ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବନ୍ତ ଶାଖାର ସମୀକ୍ଷା ବୈଠକ ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ନବନିଯୁକ୍ତ ମଣ୍ଡଳ ଅଧିକାରୀ ଅଶ୍ୱିନୀ କୁମାର ନାୟକ ଯୋଗଦେଇ ରବି ଋଣ ଲଗାଣ, ଯୁଗ୍ମଦେୟ, ଗୋଷ୍ଠୀ ଋଣ, ସମିତିର କମ୍ପ୍ୟୁଟର କରଣ ସମେତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଚଳିତବର୍ଷ ରବି ଋଣ ଲଗାଣ ଓ ଋଣ ଆଦାୟ କ୍ଷେତ୍ରରେ ସମିତିର ଲକ୍ଷ୍ୟଧାର୍ଯ୍ୟ ହୋଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ୩୦ ତାରିଖ ମଧ୍ୟରେ ଲକ୍ଷ୍ୟଧାର୍ଯ୍ୟ କରିବାକୁ ସମସ୍ତ ସମିତିର ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସମିତିର ସମ୍ପାଦକ ବିବେକାନନ୍ଦ ବିଶ୍ୱାଳ, କାମିନୀକାନ୍ତ ପଣ୍ଡା, ବ୍ରଜକିଶୋର ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ଈଶ୍ୱର ଜେନା, କାର୍ତ୍ତିକ ଚନ୍ଦ୍ର ଘଡେଇ ଓ ସନାତନ ବେହେରା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

ଧାମନଗର, ୨୦।୩ (ଡି.ଏନ.ଏ): ଧାମନଗର ବ୍ଲକ ଚୂଡ଼ାକୁଟି ଇନ୍ଦ୍ର ଗୋବିନ୍ଦ ହାଇସ୍କୁଲର ୨୦୦୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବାରିକ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ଖଗେଶ୍ୱର ଜେନା, ସାହିତ୍ୟିକ ବୃନ୍ଦାବନ ରାଉଳ, ଶିକ୍ଷାବିତ୍ ରବୀନ୍ଦ୍ର ପ୍ରସାଦ ନାଥ, ଗୋଲକ ସାହୁ, ହରେକୃଷ୍ଣ ବିଶ୍ୱାଳ, ଗୟାଧର ଦ୍ୱିବେଦୀ, ନିତ୍ୟାନନ୍ଦ ଦାସ ଓ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଅମିତ କୁମାର ଦାସ ସ୍ୱାଗତ ଭାଷଣ, ଦୀପକ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଓ ପ୍ରିୟରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୟ ଘୋଷ, ବିଜୟ ଦାସ, ଇତିରଞ୍ଜନ ଘୋଷ, ରାଜେଶ ନାୟକ, ଛାତ୍ରୀ ସୁନନ୍ଦା ଘୋଷ, ସ୍ୱାଗତିକା ମହାପାତ୍ର, ବିକାଶ ବେହେରା, ଛାତ୍ରୀ ପାର୍ବତୀ ରଣା, ରୀନାରାଣୀ ମାଝି, ମଧୁସ୍ମିତା ବିଶ୍ୱାଳ ଏବଂ ଶିକ୍ଷା କର୍ମଚାରୀ ସରୋଜ ପ୍ରଧାନ, ଅଭିରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ତରଫରୁ ବିଦ୍ୟାଳୟ ପରିସରରେ ସୁନ୍ଦର ଉଦ୍ୟାନ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ୨୩ରୁ ୨ୟ ପର୍ଯ୍ୟାୟ ତାଲିମ

ଭଦ୍ରକ ଅଫିସ, ୨୦।୩

ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ୨ୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆସନ୍ତା ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭଦ୍ରକ ଜିଲାରେ ଗୋଟିଏ ଲୋକସଭା ଓ ୫ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଶିକ୍ଷଣ ଶିବିର ଜିଲା ନିର୍ବାଚନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ତାଲିମ ନେଇଥିବା ସମସ୍ତ ପ୍ରିଜାଇଡିଂ ଏବଂ ପୋଲିଂ ଅଫିସର ବିଭିନ୍ନ କେନ୍ଦ୍ରରେ ଏହି ପ୍ରଶିକ୍ଷଣ ନେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ମଦ ଜବତ: ୨ ଗିରଫ

ଧାମନଗର, ୨୦।୩ (ଡି.ଏନ.ଏ)

ଧାମନଗର ଥାନା ଅଧୀନ କଲ୍ୟାଣୀ ଦାସସାହି ଗ୍ରାମର ବନମାଳୀ ଦାସ ଏବଂ ଦୀପକ ଦାସଙ୍କୁ ଚୋରାମଦ କାରବାର ଅଭିଯୋଗରେ ପୋଲିସ ଗିରଫ କରିଛି। ବାରିକପୁର ବଜାରରୁ ଚୋରାମଦ ନେଇ ନିଜ ଗ୍ରାମକୁ ଫେରୁଥିବା ବେଳେ କାଙ୍କରା ଛକ ନିକଟରେ ପୋଲିସ ସେମାନଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ୨୫ ବୋତଲ ବିଦେଶୀ ମଦ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୫୦/୧୯) ରୁଜୁ କରାଯାଇ ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ଉତ୍ସବମୁଖର ଷାଠିବାଙ୍କୁଡ଼ା ଗାଁ

ଆରଡ଼ି, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଷାଠିବାଙ୍କୁଡ଼ା ଗାଁ ଉତ୍ସବମୁଖର ହୋଇଉଠିଛି। ଗାଁକୁ ବିମାନରେ ଆସିଛନ୍ତି ଶ୍ରୀଗୋପୀନାଥ ଓ ବୁଢ଼ାଗୋବୀନ୍ଦ ଜୀଉ। ସକାଳଠାରୁ ରାତି ଯାଏ ଚାଲିଛି ପୂଜାର୍ଚ୍ଚନା। ଶ୍ରୀଗୋପୀନାଥ ଓ ବୁଢ଼ାଗୋବୀନ୍ଦ ଜୀଉ ନଗର ପରିକ୍ରମା କରୁଛନ୍ତି। ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଫଗୁ ଅଷ୍ଟମୀଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁର ଏହି ଗାଁରେ ଅବସ୍ଥାନ କରନ୍ତି। ଏହି ଅବସରରେ ପ୍ରତ୍ୟହ ସକାଳେ ମଙ୍ଗଳ ଆଳତି କରାଯାଇ ବାଲ୍ୟଭୋଗ ଅର୍ପଣ କରାଯାଇଥିଲା। ଏହାପରେ ଭାଗବତ ପାଠ ହୋଇଥିଲା। ମଧ୍ୟାହ୍ନରେ ପ୍ରଭୁଙ୍କୁ ପ୍ରସାଦ ସେବନ କରିବାକୁ ଆଖପାଖ ୧୦ ଖଣ୍ଡ ଗାଁର ଲୋକଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ ସହ ଭାଗବତ ଚର୍ଚ୍ଚା, ରାମଚରିତ ମାନସ ପଠନ ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ପ୍ରକାଶ ଯେ, ଏହି ଦୁଇ ଠାକୁର ଯାଜପୁର ଜିଲା ଦଶରଥପୁର ବ୍ଲକ କମାରଡିହଠାରେ ବହୁ ପୁରାତନ ମନ୍ଦିରରେ ସ୍ଥାୟୀ ଭାବେ ପୂଜା ପାଇଆସୁଛନ୍ତି। ପ୍ରତିବର୍ଷ ଫଗୁ ଅଷ୍ଟମୀଠାରୁ ଦୁଇ ଠାକୁର ବିମାନରେ ନଗର ଭ୍ରମଣରେ ବାହାରନ୍ତି। ବର୍ଷକରେ ଥରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ସେହି ମନ୍ଦିରରୁ ନାୟକ ସମ୍ପ୍ରଦାୟର ବ୍ୟକ୍ତିମାନେ ବିମାନରେ ଠାକୁରଙ୍କୁ ବସାଇ ଘଣ୍ଟ, ଖୋଳ, କରତାଳି ଧ୍ୱନିରେ ସଂକୀର୍ତ୍ତନ କରି ପ୍ରଥମେ ଷାଠିବାଙ୍କୁଡ଼ାରେ ଉପବେଶନ କରାନ୍ତି। ପୁନଶ୍ଚ ଦୋଳ ପୂର୍ଣ୍ଣିମା ପରଦିନଠାରୁ ପ୍ରଭୁ ନିକଟସ୍ଥ ଦୋହରାପାଟଣା ଗ୍ରାମରେ ୫ ଦିନ ଅବସ୍ଥାନ କରନ୍ତି। ସେଠାରେ ଗ୍ରାମର ଅଧିବାସୀ ପ୍ରଭୁଙ୍କୁ ଆରାଧନା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। ସେଠାରୁ ବିମାନ ଦ୍ୱାରା ପ୍ରଭୁଙ୍କୁ ଯାଜପୁର ଜିଲା ଯୋଗୀମଠ ଓ ପରେ ଦୋବକଣରେ ୨ ଦିନ ଲେଖାଏ ରହଣି ପରେ ଶେଷରେ ମହାସ୍ନାନ କରାଯାଇ ନିଜ ମନ୍ଦିରରେ ଅବସ୍ଥାନ କରାଯାଏ।

ଠାକୁରଙ୍କ ନଗର ପରିକ୍ରମା ସମ୍ପର୍କରେ ଷାଠିବାଙ୍କୁଡାର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନାଥ ନାୟକ କହନ୍ତି, ଶ୍ରୀଗୋପୀନାଥ ଜୀଉ କମାରଡିହ ଓ ବୁଢ଼ାଗୋବିନ୍ଦ ଜୀଉ ଷାଠିବାଙ୍କୁଡାରେ ପୂଜା ପାଇଆସୁଥିଲେ। ଦୁଇ ଠାକୁର ଏକତ୍ର କମାରଡିହରେ ମନ୍ଦିର ପ୍ରତିଷ୍ଠା ସହ ଏକତ୍ର ରହିବେ ବୋଲି ସ୍ୱପ୍ନରେ କହିଲେ। ପରେ ନାୟକ ସମ୍ପ୍ରଦାୟ ରହୁଥିବା ୫ ଖଣ୍ଡ ଗାଁର ଅଧିବାସୀ କମାରଡିହରେ ମନ୍ଦିର ନିର୍ମାଣ କରି ୨୨ ଏକର ଜମି ଦାନ କରି ପୂଜକମାନଙ୍କୁ ସେଠାରେ ପୂଜାର୍ଚ୍ଚନା କରିବାକୁ ଦାୟିତ୍ୱ ଦେଇଛନ୍ତି। ପୂଜକ ରାଧାକୃଷ୍ଣ ଦାଶ ଶ୍ରୀଜୀଉଙ୍କୁ ବର୍ଷତମାମ ମନ୍ଦିରରେ ପୂଜା କରାଯାଉଥିବା ବେଳେ ୨୦ଦିନ ପ୍ରଭୁମାନେ ନଗର ଭ୍ରମଣ କରି ଭକ୍ତଙ୍କ ଘରେ ପ୍ରସାଦ ସେବନ କରିବାର ପ୍ରଥା ରହିଛି ବୋଲି କହିଛନ୍ତି।


ଷାଠିବାଙ୍କୁଡାରେ ଶ୍ରୀଜୀଉଙ୍କୁ ପ୍ରସାଦ ଅର୍ପଣ କରାଯାଇଛି।

**ନଗର ପରିକ୍ରମା କରୁଛନ୍ତି ଶ୍ରୀଗୋପୀନାଥ, ବୁଢ଼ାଗୋବିନ୍ଦ ଜୀଉ**

## ଜିଲାରେ ୪୩, ୭୧୨ ଦିବ୍ୟାଙ୍ଗ ଭୋଟର

ଭଦ୍ରକ ଅଫିସ, ୨୦।୩

ସାଧାରଣ ନିର୍ବାଚନ ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଜିଲାରେ ଥିବା ସମସ୍ତ ଦିବ୍ୟାଙ୍ଗ ଭୋଟର ଯେଭଳି ମତଦାନ କରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ସେମାନେ କିଭଳି ଭୋଟଗ୍ରହଣ କେନ୍ଦ୍ରରେ ପହଞ୍ଚି ଭୋଟ ଦେଇସାରି ସୁରୁଖୁରୁରେ ଘରକୁ ଫେରିବେ ସେନେଇ ପ୍ରଶାସନ ପକ୍ଷରୁ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇସାରିଛି। ଦିବ୍ୟାଙ୍ଗ ଭୋଟରଙ୍କୁ ଭୋଟ୍‌ଗ୍ରହଣ କେନ୍ଦ୍ରରେ ଏନ୍‌ସିସି କ୍ୟାଡେଟ ସହଯୋଗ କରିବେ ବୋଲି ସ୍ଥିର ହୋଇଛି।

ଜିଲାରେ ମୋଟ ୪୩, ୭୧୨ ଜଣ ଦିବ୍ୟାଙ୍ଗ ଭୋଟର ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪୪୫, ଭଦ୍ରକରେ ୧୩୯୩, ବାସୁଦେବପୁରରେ ୭୬୬, ଧାମନଗରରେ ୬୫୯ ଓ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ୩୧୯ ଦିବ୍ୟାଙ୍ଗ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ଦୃଷ୍ଟିବାଧିତ ୩,୫୮୨, ମୁକ ଓ ବଧିର ୨,୦୫୧, ଛୋଟା ଓ ତତ୍‌ଜନିତ ଦିବ୍ୟାଙ୍ଗ ୧୭,୦୬୪ ଓ ଅନ୍ୟାନ୍ୟ ଶ୍ରେଣୀର ୨୧,୦୧୫ ଦିବ୍ୟାଙ୍ଗ ଥିବା ଚିହ୍ନଟ ହୋଇଛି। ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ କେଉଁ ପ୍ରକାର ଦିବ୍ୟାଙ୍ଗ କିଭଳି ଭୋଟ୍ ଦେବେ ସେନେଇ ପ୍ରଶାସନିକ ମହଲରେ ତର୍ଜମା ଚାଲିଛି। ଶତପ୍ରତିଶତ ଦିବ୍ୟାଙ୍ଗ ଯେଭଳି ଭୋଟ ଦେବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ଜିଲାପାଳ ଜ୍ଞାନରଞ୍ଜନ ଦାସ ପ୍ରକାଶ କରିଛନ୍ତି।

## ସରିଲା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବ
# ମନ ମୋହିଲା ରାଜସ୍ଥାନୀ ଲୋକନୃତ୍ୟ

ବନ୍ତ, ୨୦।୩ (ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡ଼ା ହେମପଦ୍ମ ଗାଲାକ୍ସି ପରିସରରେ ୯ଦିନ ଧରି ଚାଲିଥିବା ୪ର୍ଥ ବାର୍ଷିକ ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ରାଜସ୍ଥାନୀ ଫକ୍ ଡ୍ୟାନ୍ସ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ରଚିସ୍ମିତା ମହାନ୍ତି ଓ ଶୁଭେନ୍ଦୁ ଲେଙ୍କାଙ୍କ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇଥିଲେ।

ଦିଲ୍ଲୀ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭରସିଟି ନିର୍ଦ୍ଦେଶକ ଅମରେନ୍ଦ୍ର ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଡ. ହରେକୃଷ୍ଣ ମହତାବ ତାଙ୍କର ମହାନ ଗୁଣାବଳୀ ପାଇଁ କେବଳ ଓଡ଼ିଶା ନୁହେଁ ସାରା ଭାରତରେ ପରିଚିତ। ତାଙ୍କ ସ୍ମୃତିକୁ ଅଞ୍ଚଳବାସୀ ହୃଦୟରେ ସାଇତି ରଖିପାରିଲେ ତାହା ହିଁ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ସମ୍ମାନିତ ଅତିଥି ଭାବେ ଅର୍ନ୍ତଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ରଚିସ୍ମିତା ମହାନ୍ତି ଓ ଶୁଭେନ୍ଦୁ ଲେଙ୍କା ଦର୍ଶକମାନଙ୍କ ଆଶୀର୍ବାଦ ଆମକୁ ମାର୍ଗଦର୍ଶନ କରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପୃଥ୍ୱୀରାଜ ଦାସ, ଅଧ୍ୟାପିକା ସୁନନ୍ଦାରାଣୀ ସ୍ୱାଇଁ, ସମାଜସେବୀ ବୀଣାପାଣି ବଳ, କମିଟି ଉପସଭାପତି ନୀରଜ ଆଇଚ, ଭାଜପା ନେତା ଗୋପାଳକୃଷ୍ଣ ଦାଶ ଓ ଶ୍ରାବଣୀ କିନ୍ନର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହୋତ୍ସବ କମିଟି ସଭାପତି ଆଇନଜୀବୀ ମନୋଜ ରାୟ ସଭାପତିତ୍ୱ କରିଥିଲେ। ସମ୍ପାଦକ ହେମନ୍ତ ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ଚିନ୍ମୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥାପକ ଜ୍ୟୋତିଷୀଙ୍କ ମଞ୍ଚ ପରିଚାଳନାରେ ବିଶିଷ୍ଟ ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀମାନେ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ବସନ୍ତ ସିଂହ, ଚିତ୍ତରଞ୍ଜନ ରାମ, ମିଟ ସିଂହ, ମାମୁନି ସିଂହ, ଚିତ୍ତରଞ୍ଜନ ଦାସ, ତାପସ ରାୟ, ବାବୁଲି ସିଂହ, ହରିହର ନାୟକଙ୍କ ସମେତ କମିଟି ସଦସ୍ୟମାନେ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ମହୋତ୍ସବର ଶେଷ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଲଉଡ଼ି ଖେଳ ପ୍ରତିଯୋଗିତା

ପଦ୍ମପୁର, ୨୦।୩ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ପାଟଣା ମିଶ୍ରପୁରଠାରେ ଯାଦବ ସଂଘ ପକ୍ଷରୁ ଲଉଡ଼ି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷ୍ଣ ଓ ବଳରାମ ବେଶରେ ସଜ୍ଜିତ ହୋଇ ନୃତ୍ୟ କରୁଥିବା ପ୍ରତିଯୋଗୀ ମୁଖ୍ୟ ଆକର୍ଷଣ ପାଲଟିଥିଲେ। ପାଟଣା ମିଶ୍ରପୁର ରାଧାକୃଷ୍ଣ ଯାଦବ ସଂଘ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଗଜେନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ଚିନ୍ତାମଣି ବାରିକ ମୁଖ୍ୟଅତିଥି, ଭରତ ଚନ୍ଦ୍ର ମହାକୁଡ ମୁଖ୍ୟବକ୍ତା ଏବଂ ଗୋଲକ ବାରିକ, ନିରଞ୍ଜନ ନାୟକ, ଇନ୍ଦ୍ରମଣି ବେହେରା ଓ ସୁରେଶ ବାରିକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବାଲିନଗର ଯାଦବ ସଂଘ ୧ମ, ବନ୍ଧସାହି ଯାଦବ ସଂଘ ୨ୟ ଓ ଫକୀରପୁର ଯାଦବ ସଂଘ ୩ୟ ସ୍ଥାନ ଅଧିକାର କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ଲଉଡ଼ି ଖେଳରେ ଭାଗ ନେଇଥିବା ପ୍ରତିଯୋଗୀ।

# ସମିତିରେ ପଡ଼ିରହିଛି ଧାନବସ୍ତା

ତିହିଡ଼ି, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ସୟା ପଞ୍ଚାୟତ ନିଶ୍ଚିନ୍ତପୁର ସେବା ସମବାୟ ସମିତିରେ ୧ ହଜାର ବସ୍ତା ଧାନ ପଡ଼ିରହିଛି। ମିଲର ଧାନ ଉଠାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଏହାର ପ୍ରତିବାଦରେ ଚାଷୀମାନେ ବୁଧବାର ସମିତିରେ ତାଲା ପକାଇ ଧାରଣା ଦେଇଥିଲେ। ମିଲର ଧାନ ନ ଉଠାଇବା ଯାଏ ତାଲା ଖୋଲାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ସମିତିର ସଭାପତି ସୁବାସ ଚନ୍ଦ୍ର ମଳିକ ଏବଂ ସମ୍ପାଦିକା ଗୀତାଞ୍ଜଳି ଦାସ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ତାଲା ଖୋଲାଯିବା ଦିଗରେ ପଦକ୍ଷେପ ନିଆଯିବାକୁ ସେମାନେ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ନିଶ୍ଚିନ୍ତପୁର ସମିତି ପକ୍ଷରୁ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯାଇଥିଲା। ସମିତିରେ ୧ ହଜାର ବସ୍ତା ଧାନ ରହିଥିଲେ ମଧ୍ୟ ମିଲର ଏହାକୁ ଉଠାଇ ନ ଥିଲେ। ମାସେ ହେଲା ସମିତିରେ ଧାନ ପଡ଼ି ରହିଥିବାରୁ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇପାରୁନାହାନ୍ତି। ଶେଷରେ ବାଧହୋଇ ବୁଧବାର ବଳରାମ ମଳିକ, ପୁରୁଷୋତ୍ତମ ମଳିକ, ଶଶଧର ନାୟକ, ବିଦ୍ୟାଧର ଦାସ, ନିରଞ୍ଜନ ମଳିକ, ରମାକାନ୍ତ ମଳିକ, ବାବୁରାମ ନାୟକ ପ୍ରମୁଖ ଚାଷୀ ସମିତିରେ ତାଲା ପକାଇ ଦେଇଛନ୍ତି। ସମିତିରେ ଥିବା ଅନ୍ୟ ଲୋକଙ୍କୁ ବାହାରକୁ ବାହାର କରି ଚାଷୀମାନେ ତାଲା ପକାଇ ଦେଇଥିଲେ। ହେଲେ କର୍ମଚାରୀମାନେ ଭିତରେ ରହିଯାଇଥିଲେ। ପରେ କର୍ମଚାରୀମାନଙ୍କୁ ବାହାରକୁ ଅଣାଯାଇଥିଲା। ଅପରାହ୍ନରେ ସମିତିର ସଭାପତି ମଳିକ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ତିହିଡ଼ି ଶାଖା କାର୍ଯ୍ୟାଳୟରେ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କାଙ୍କ ସହ ଆଲୋଚନା କରିଥିଲେ। ଶାଖା ପରିଚଳାକ ମହେନ୍ଦ୍ର ନାୟକ, ସମବାୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଲେଙ୍କା ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝିଙ୍କ ସହ ଫୋନରେ କଥା ହୋଇଥିଲେ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମିଲର ଧାନ ଉଠାଇବେ ବୋଲି ଯୋଗାଣ ଅଧିକାରୀ କହିଥିବା ଜଣାଯାଇଛି।


ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

**ପ୍ରତିବାଦରେ ସମିତିରେ ତାଲା ପକାଇ ଚାଷୀଙ୍କ ଧାରଣା**

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ଜଣେ ଗିରଫ

**ପାଟଣା,୨୦।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ରାଇଡିହା ଗ୍ରାମରେ ମଙ୍ଗଳବାର ରାତି ପାଟଣା ପୋଲିସ ତରଫରୁ ଏଏସ ଆଇ ଅଶୋକ କୁମାର ନାଏକ ଚଢ଼ାଉ କରି ବେଆଇନ ମଦ କାରବାରରେ ଲିପ୍ତ ଥିବା ଜଣେ ବ୍ୟକ୍ତି ଙ୍କୁ ଗିରଫ କରିବା ସହ ୨୩ ବୋତଲ ବିଦେଶୀ ମଦ ଜବତ କରିଛନ୍ତି। ଗିରଫ ବ୍ୟକ୍ତି ହେଲେ ଦିଲୀପ କୁମାର ମିଶ୍ର। ପାଟଣା ଥାନା ଏଏସ ଆଇ ସୁଧାଂଶୁ ଶେଖର ଜେନା ଏକ ମାମଲା (ନଂ.୩୫/୧୯) ରୁଜୁ କରି ୪୧ ଧାରାରେ ଦିଲୀପଙ୍କୁ ଜାମିନରେ ଛାଡ଼ିଦେଇଛନ୍ତି।

### ଔପଦାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଔପଦା,୨୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତ ମାଟିଗଡ଼ା ଗ୍ରାମରେ ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ସଭାନେତ୍ରୀ ସୁମତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ଔପଦା ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାପାତ୍ର ଯୋଗଦେଇ ନୀଳଗିରୀ ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଦେବକୀ ଦାସ ମହିଳାଙ୍କ ବିକାଶ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିବାରୁ ଏହା ମହିଳାମାନଙ୍କ ମର୍ଯ୍ୟାଦା ବୃଦ୍ଧି କରିଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ୧ନଂ ଜୋନ ଜିଲାପରିଷଦ ସଭ୍ୟ ସୁବାଷିନୀ ବିଶ୍ୱାଳ, ମିତିସଭ୍ୟା ପଦ୍ମାବତୀ ପରିଡା, ପୂର୍ବତନ ଜିଲାପରିଷଦ ସଭ୍ୟ ଅନୀରୁଦ୍ଧ ବିଶ୍ୱାଳ, ଯୁବନେତା ଅଧିକାରୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ନାଗୁଣୀନାଗ ଉଦ୍ଧାର

**ସୋର,୨୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବଳଭଦ୍ର ମହାନ୍ତିଙ୍କ ରୋଷେଇ ଘରୁ ଦୁଇଟି ନାଗୁଣୀନାଗ ଉଦ୍ଧାର କରାଯାଇଛି। ଏହି ଦୁଟି ସାପ ରୋଷେଇ ଘରକୁ ପଶି ଆସି ଥିବା ଦେଖି ପରିବାର ଲୋକେ ଦେଖି ଭୟଭୀତ ହୋଇପଡ଼ିଥିଲେ। ପରେ ଏ ସମ୍ବନ୍ଧରେ ଫରେଷ୍ଟର ବିଭାଗକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳକୁ ଫରେଷ୍ଟର ପ୍ରଦୀପ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ସାପ ଦୁଇଟିକୁ କାବୁ କରିଥିଲେ। ପରେ ଏହି ସାପକୁ ସ୍ଥାନୀୟ କୁଲଡ଼ିହା ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ପଥର ବୋଝେଇ ଟ୍ରକ୍ ଜବତ

**ସୋର,୨୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ତହସିଲ ତରଫରୁ ତହସିଲଦାର ଦେବୀ ପ୍ରସନ୍ନ ଦାସ ୫ଟି ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛନ୍ତି। ସ୍ଥାନୀୟ ବାଗୁଡ଼ି ପାହାଡ଼ରୁ ପଥର ବୋଝେଇ କରି ବିନା ପରମିଟ୍‌ରେ ଏହାକୁ ଟ୍ରକରେ ନିଆ ଯାଉଥିବାବେଳେ ୧୬ନଂ ଜାତୀୟ ରାଜପଥ ଛପୁଲିଆ ନିକଟରେ ଚଢାଉ କରାଯାଇ ଧରାଯାଇଥିଲା। ଏସବୁ ଟ୍ରକ୍ ନିକଟରୁ ମୋଟ୍ ୧ଲକ୍ଷ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

■ ବଡ଼ବିଲରେ ବିଶ୍ୱ ପଖାଳ ଦିବସ-୨୦୧୯

# ବିଭିନ୍ନ ଧର୍ମ, ଜାତିର ଲୋକଙ୍କୁ ଏକାଠି କଲା ନୀଳାଦ୍ରି

**ବଡ଼ବିଲ, ୨୦।୩(ସ୍ୱ.ପ୍ର.)**



ବିଭିନ୍ନ ଧର୍ମ ଓ ଜାତିର ଲୋକେ ଏକାଠି ବସି ପଖାଳ ଖାଉଛନ୍ତି।

■ଦହିପଖାଳ ସାଙ୍ଗକୁ ନାନା ରକମର ଖାଦ୍ୟ ଆଖି ଖୋସିଲା

ମାର୍ଚ୍ଚ ମାସ ୨୦ ତାରିଖ ଦେଶ ବିଦେଶ, ସବୁଠି ଓଡ଼ିଆଙ୍କ ପ୍ରିୟ ଖାଦ୍ୟକୁ ନେଇ ପାଳନ ହେଉଛି ବିଶ୍ୱ ପଖାଳ ଦିବସ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବଡ଼ବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ପକ୍ଷରୁ ଏକ ନିଆରା ଢଙ୍ଗରେ ଦହିପଖାଳ ସାଙ୍ଗକୁ ନାନା ରକମର ଚାଖଣାରେ ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କୁ ଏକାଠି କରି ଆପ୍ୟାୟିତ କରିଛି। ଏହି ବିଶ୍ୱ ପଖାଳ ଦିବସରେ ବଡ଼ବିଲ ଭଳି ବିଭିନ୍ନ ଭାଷାଭାଷୀ ସମୁଦାୟ ଅଞ୍ଚଳରେ ଓଡ଼ିଆଙ୍କ ଖାଦ୍ୟର ପ୍ରଚାର ପ୍ରସାର ନିମନ୍ତେ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ଅଞ୍ଚଳର ବିଭିନ୍ନ ଅଣଓଡ଼ିଆମାନଙ୍କୁ ଅତିଥିଭାବେ ନିମନ୍ତ୍ରଣ କରି ପଖାଳ ଖୁଆଇବା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବିଶ୍ୱ ପଖାଳ ଦିବସ ଅବସରରେ ବୁଧବାର ଅପରାହ୍ନରେ ନୀଳାଦ୍ରି କାର୍ଯ୍ୟାଳୟ ପରିସରରେ ଏହି ନିଆରା ପରମ୍ପରାର ପ୍ରାରମ୍ଭରେ ଏକ ସଭାର ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଭିନ୍ନ ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତା, ସାମାଜିକ କର୍ମୀ, ବ୍ୟବସାୟୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଏହି ସଭାରେ ଉପସ୍ଥିତ ରହିଥିଲେ। ସବୁ ଧର୍ମ ଓ ଜାତିର ଲୋକଙ୍କୁ ନେଇ ପାଳନ ହେଉଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଘରେ ଘରେ ଆଦୃତ ହେଉଥିବା ପଖାଳର ସୃଷ୍ଟି, ଆଧାତ୍ମିକ ସମ୍ପର୍କ, ବୈଜ୍ଞାନିକ ଉପକାର ପଖାଳର ମହତ୍ତ୍ୱ ଆଦି ସମ୍ପର୍କରେ ଅବଗତ କରିଥିଲା ନୀଳାଦ୍ରି। ତେବେ ପଖାଳର ଏତେ ମାତ୍ରାରେ ଆଦର ଦେଶ ବିଦେଶରେ ବଢୁଥିବାରୁ ବିଭିନ୍ନ ପଞ୍ଚତାରକା ହୋଟେଲରେ ମଧ ବେଶ୍ ଆଗ୍ରହର ସହ ଲୋକେ ଖାଉଥିବା ଦେଖିବାକୁ ମିଳିଛି ବୋଲି ମତପ୍ରକାଶ ପାଇଥିଲା। ଏହାପରେ ଅତିଥି ସତ୍କାର ପରମ୍ପରା ଆରମ୍ଭ ହୋଇଥିଲା। ଅତିଥିମାନଙ୍କୁ ନୀଳାଦ୍ରି ସଦସ୍ୟମାନେ ଦହିପଖାଳ କଂସା ପାଖରେ ଏକ ବିଶାଳ ଥାଳିରେ ୨୦ରୁ ଉର୍ଦ୍ଧ୍ୱ ରକମର ଚାଖଣାରେ ବଡି ଚୂରା, ସଜନା ଛୁଇଁ ବେସର ଭଜା, ଫୁଲ ବଡ଼ି ଭଜା, ଆଳୁ ଭରତା, ବାଇଗଣ ଭରତା, ବିଲାତି ପୋଡ଼ା, ପୋଟଳ ଭଜା, ଭେଣ୍ଡି ଭଜା, ଆଳୁ ଭଜା, ଅଞ୍ଜାନ ଘାଣ୍ଟ, ଛୋଟ ପିଆଜ, ଲଙ୍କା, କାକୁଡ଼ିକଟା, ବିଲାତି ଖଟା, ଧନିଆ ପତ୍ର ଚଟଣୀ, ପୁଦିନାପତ୍ର ଚଟଣୀ ଓ ଆମିଷରେ ରୋହି ମାଛ ଭଜା, ଚୂନା ମାଛ ଭଜା ଏବଂ ଇଲିଶି ଶୁଖୁଆ ଆଦି ସଜାଇ ପରଷି ଥିଲାବେଳେ ତାହା ଦେଖି ଅତିଥିମାନଙ୍କ ଆଖି ଖୋସି ହୋଇଯାଇଥିଲା। ଅତିଥିମାନେ ଆପ୍ୟାୟିତ ହୋଇ ଓଡ଼ିଆଙ୍କ ପଖାଳ ସାଙ୍ଗକୁ ଚାଖଣା ଏବଂ ନୀଳାଦ୍ରିର ଏହି ଅଭୂତ ଆୟୋଜନକୁ ଭୂରିଭୂରି ପ୍ରଶଂସା କରିଥିଲେ।

## ପରକୀୟା ପ୍ରୀତି: ଛେଚା ଖାଇଲେ ଯୁବକ

**ହାଟଡିହୀ, ୨୦।୩(ଡି.ଏନ୍.ଏ.)**

ହାଟଡିହୀ ବ୍ଲକ ଅଞ୍ଚଳରେ ପରକୀୟା ପ୍ରିତିକୁ ନେଇ ଯୁବକ ଜଣକ ଛେଚା ଖାଇଛି। ଖବରରୁ ଜଣାଯାଇଛି ଯେ ଯୁବକଙ୍କ ବୟସ ପ୍ରାୟ ୨୮ ବର୍ଷ ହେବ। ଉକ୍ତ ଯୁବକଙ୍କର ଜଣେ ମହିଳାଙ୍କ ସହିତ ପ୍ରେମ ସମ୍ପର୍କ ଥିଲା । ଗତ ମଙ୍ଗଳବାର ଯୁବକ ଜଣଙ୍କ ମହିଳାଙ୍କୁ ଏକ ପୋଖରୀ ନିକଟକୁ ଡକାଇଥିଲେ । ଯୁବକ ଓ ମହିଳା ରାତି ପ୍ରାୟ ୮ଟା ସମୟରେ କଥା ହେଉଥିଲେ । ମହିଳାଙ୍କ ସ୍ୱାମୀ ବଜାରରୁ ଘରକୁ ଫେରି ନିଜ ସ୍ତ୍ରୀକୁ ଖୋଜିଥିଲେ । ସ୍ତ୍ରୀଙ୍କୁ ପାଇ ନ ଥିଲେ । ସ୍ତ୍ରୀଙ୍କୁ ଖୋଜି ଖୋଜି ସେହି ପୋଖରୀ ଆଡ଼କୁ ଯାଇଥିଲେ। ଅନ୍ଧାରରେ ଯୁବକ ସହ ନିଜ ସ୍ତ୍ରୀଙ୍କୁ ଦେଖିବା ପରେ ଯୁବକଙ୍କୁ ମାଡ଼ ମାରିଥିଲେ। କଥାକୁ ପ୍ରଘଟ ନ କରିବା ପାଇଁ ଯୁବକ ଜଣଙ୍କ ମହିଳାଙ୍କ ସ୍ୱାମୀଙ୍କ ଗୋଡ଼ ଧରି ଭୁଲ ମାଗିଥିଲେ । ଆଉ ଏପରି କରିବେ ନାହିଁ ବୋଲି କହିବା ପରେ ଯୁବକ ଜଣଙ୍କୁ ଛଡ଼ା ଯାଇଥିଲା । ଯାହାକି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି ।

■ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ଫେଲ୍

## ମିଳୁନି ସରକାରୀ ସହାୟତା

**ହାଟଡିହୀ, ୨୦।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡଅଁର ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ପ୍ରଫୁଲ୍ଲ ପେରେଇଙ୍କ ସ୍ତ୍ରୀ ମଞ୍ଜୁଲତା ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧।୦୭।୨୦୧୬ ତାରିଖରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଇଥିଲେ। କିନ୍ତୁ ୯।୪।୨୦୧୭ ତାରିଖରେ ତୃତୀୟ ସନ୍ତାନ ଜନ୍ମ ନେଇଥିଲା। ପୂର୍ବରୁ ତାଙ୍କର ଦୁଇଟି ଝିଅ ଥିଲା। ସେ ଜଣେ ଅତି ଗରିବ ଶ୍ରେଣୀର ଲୋକ । ପୁନଶ୍ଚ ଆଉ ଏକ ସନ୍ତାନ ଜନ୍ମ ନେବାରୁ ପ୍ରଫୁଲ୍ଲ ଏବେ ମାନସିକ ଚାପ ଗ୍ରସ୍ତ ହୋଇ ଅଶାନ୍ତିରେ ଦିନ କାଟୁଛନ୍ତି। ଏପରି ଘଟଣାକୁ ନେଇ ସରକାରୀ ସହାୟତା ପାଇଁ ପ୍ରଫୁଲ୍ଲ ବ୍ଲକ ସ୍ତରରୁ ଆରମ୍ଭ କରି ଜିଲା ସ୍ତର ପର୍ଯ୍ୟନ୍ତ ନିଜର ଆପତ୍ତି ଅଭିଯୋଗ ଜଣାଇଥିଲେ ବି ତାଙ୍କୁ ଅଦ୍ୟାବଧି ସରକାରୀ ସହାୟତା ମିଳିପାରୁନି। ଦୀର୍ଘ ଏକ ବର୍ଷ ହେବ ସରକାରୀ ସହାୟତା ପାଇଁ ଯେତେ ଦୌଡିଲେ ବି ତାଙ୍କୁ ନିୟମ ଅନୁସାରେ ସରକାରୀ ସହାୟତା ନ ମିଳିବା ସ୍ୱାସ୍ଥ୍ୟ ବିଭାଗର ଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଜିଲା ଏଡିଏମଓ ସୁଧାଂଶୁ ଶେଖର ବଳ କହିଛନ୍ତି ଯେ, ଘଟଣା ଦିଗରେ ଜାଣିଛି ଏବଂ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯାଇ ଏହାର ସମାଧାନ କରାଯିବ।

## ଶିକୁଳିରେ ବନ୍ଧା ଦୈତାରୀଙ୍କ ଜୀବନ

**ରାଇସୁଆଁ, ୨୦।୩ (ଡି.ଏନ.ଏ.)**

ସରକାର ଗରିବ ନିରାଶ୍ରୟ ଏବଂ ଅସହାୟ ମାନସିକ ରୋଗୀଙ୍କ ଥଇଥାନ ପାଇଁ ଯୋଜନା ପରେ ଯୋଜନା କରିଛନ୍ତି। ମାତ୍ର କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଉପର କୁସୁମିତା ଗ୍ରାମର ପୂର୍ବତନ ପ୍ରାଥମିକ ଶିକ୍ଷକ ଦୈତାରୀ ପ୍ରଧାନଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିନାହିଁ। ତାଙ୍କ ବୟସ ୬୫ରୁ ଉର୍ଦ୍ଧ୍ୱ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେ ବାଂଶପାଳ ବ୍ଲକର ପଣସନେସା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଆଦିବାସୀଙ୍କୁ ଶିକ୍ଷାଦାନ କରିବା ସହ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଚେଷ୍ଟା କରିବା ସହ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ବହୁ ଚେଷ୍ଟା କରୁଥିଲେ। ଜୀବନରେ ଅନେକ ଭଲ କାମ କରିଛନ୍ତି। ଦୈତାରୀ ମାନସିକ ସ୍ଥିତି ହରାଇବା ପରେ ସମସ୍ତେ ତାଙ୍କ ହାତ ଛାଡ଼ି ଦେଇଛନ୍ତି। ତାଙ୍କ ସ୍ତ୍ରୀ ମଧ ସେବା କରିବାକୁ ପଡ଼ିବ ବୋଲି ଛାଡ଼ି ଚାଲିଯାଇଛନ୍ତି।

ଆର୍ଥିକ ଅନଟନ ଏବଂ ସଚେତନତାର ଅଭାବ ଯୋଗୁ ଡାକ୍ତରୀ ଚିକିତ୍ସା ତାଙ୍କୁ ମିଳିପାରି ନ ଥିଲା। ଫଳରେ ଦିନକୁ ଦିନ ସମ୍ପୂର୍ଣ୍ଣ ଭାବେ ମାନସିକ ସ୍ଥିତି ହରାଇବସିଲେ। କିଏ ମୁଠାଏ ଖାଇବାକୁ ଦେଲେ ଖାଉଛନ୍ତି ନ ହେଲେ ଭୋକିଲା ରୁହନ୍ତି। କାଳେ କେଉଁ ଆଡ଼େ ଚାଲିଯିବେ ସେଥି ପାଇଁ ତାଙ୍କୁ ଶୁକୁଳିରେ ବାନ୍ଧି ରଖାଯାଇଛି ବୋଲି ପଡ଼ୋଶୀ କହିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ସଞ୍ଜୟ ସାହୁ କହିଛନ୍ତି ଯେ, ସରକାର ଏବଂ ବହୁ ବେସରକାରୀ ସଂସ୍ଥା ତଥା ଏନଜିଓମାନେ ଅସହାୟଙ୍କୁ ସହାୟତା ପାଇଁ ବହୁ କାର୍ଯ୍ୟକ୍ରମ କରୁଛନ୍ତି। ମାତ୍ର ଏହି ଅସହାୟ ଦୈତାରୀଙ୍କୁ କୌଣସି ସହାୟତା ନ କରିବା ଅତ୍ୟନ୍ତ ଦୁଃଖଦାୟକ। ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିଲେ ସେ ସମ୍ପୂର୍ଣ୍ଣ ଭଲ ହୋଇ ଯାଆନ୍ତେ ବୋଲି ସେ କହିଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଦୈତାରୀଙ୍କୁ ସହାୟତା ଯୋଗାଇବା ସହ ଉନ୍ନତ ଚିକିତ୍ସା କରାଇବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଦାବି କରିଛନ୍ତି।

## 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

**ତିହିଡ଼ି, ୨୦।୩ (ଡି.ଏନ.ଏ.):** ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ନନ୍ଦପୁର ଦୁର୍ଗାପଡ଼ିଆରେ ବୁଧବାର ସନ୍ଧ୍ୟାରେ ୬ ନମ୍ବର ଜୋନସ୍ତରୀୟ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଅକ୍ଷୟ କୁମାର ମଲ୍ଲିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା ଯୋଗଦେଇ ଓଡ଼ିଶା ପ୍ରତି କେନ୍ଦ୍ର ଯେଉଁ ଅବହେଳା କରିଛି, ଓଡ଼ିଶାବାସୀ ତାହାର ଜବାବ ନିଶ୍ଚିତ ମାଗିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ କମଳାକାନ୍ତ ଭୋଇ, ବ୍ଲକ ବିଜେଡି ସଭାପତି ରଘୁନାଥ ପଣ୍ଡା, ସରପଞ୍ଚ ପ୍ରଦୀପ ପଣ୍ଡା, ସୁଶାନ୍ତ ମଲିକ ଓ ମିନତିଲତା ଦାସ, ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସ, ପୂର୍ବତନ ସରପଞ୍ଚ ବସନ୍ତ ନାୟକ, ଗଣେଶ ବିଶ୍ୱାଳ, ସୁଧନ୍ୱା ନାୟକ, ବ୍ଲକ ବିଜେଡି ଯୁବ ସଭାପତି ଉତ୍ତମ ମହାପାତ୍ର, ସମିତିସଭ୍ୟ ଦାଶରଥି ମହାପାତ୍ର ଓ ରଶ୍ମିତା ସାହଣି, ଅମର ମଲ୍ଲିକ, ଭାନୁପ୍ରକାଶ ଭୋଇ, ସନ୍ତୋଷ ଦାସ, ପର୍ଶୁରାମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗଦି ବଜାରରେ ପ୍ରିନ୍ସ ରାକେଶ ନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ତାପସ ରଞ୍ଜନ ନାୟକ, ହୀମାଦ୍ରି ମିଶ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ପାଲାକାର ପରିଷଦର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି

**ହାଟଡିହୀ, ୨୦।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଶ୍ୱତାରିଣୀ ପାଲାକାର ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତମାସ ୨୯ ଓ ୩୦ ତାରିଖ ଦୁଇଦିନ ଧରି ମରେଗାଁ ଉନ୍ନୀତ ପବ୍ଲିକ ଇଂରାଜି ବିଦ୍ୟାଳୟରେ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀ କିପରି ଠିକ୍ ଓ ସୁଚାରୁ ରୂପେ ସମ୍ପନ୍ନ ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାୟୀ ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଗୋପୀନାଥ ଦ୍ୱିବେଦୀ, ସମ୍ପାଦକ ବାବାଜି ଚରଣ ଜେନା, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ପ୍ରଭାକର ପାଣି, ପୂର୍ବତନ ଉପସଭାପତି ପର୍ଶୁରାମ ଦାସ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ପାଲାକାରମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ବଟେଶ୍ୱର ହରିହର ମେଳଣ ଉଦ୍‌ଯାପିତ



ମେଳଣ ମଣ୍ଡପରେ ସୁସଜ୍ଜିତ ଦୋଳ ବିମାନ।

**ଖଇରା,୨୦।୩(ଡି.ଏନ.ଏ.)**

ପ୍ରତିବର୍ଷ ପରି ଚଳିତ ବର୍ଷ ବାଲେଶ୍ୱର ଜିଲା ଖଇରା ବ୍ଲକର ବଟେଶ୍ୱର ବୁଢା ମହାଦେବ ମନ୍ଦିର ପ୍ରାଙ୍ଗଣରେ ହରିହର ମେଳନ ମଙ୍ଗଳବାର ସନ୍ଧ୍ୟାରେ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି । ୧୦ରୁ ଅଧିକ ସୁସଜ୍ଜିତ ଦୋଳବିମାନ ମଣ୍ଡପ ମଧକୁ ପ୍ରବେଶ କରିଥିଲେ । ପୁଜକ ଡମ୍ବରୁଧର ମହାପାତ୍ର ବିଅଁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । ବିନୋଦ ଜେନାଙ୍କଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା । କୁମାର ଗୌତମଙ୍କ ଦଳ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କମିଟିର ସଭାପତି ଶୁଭ୍ରାଂଶୁ ଶେଖର ଦାସ,ସମ୍ପାଦକ ମୁରଲିଧର ଦାସ,ସନ୍ତୋଷ ଶତପଥୀ ,ପଦ୍ମଲୋଚନ ମହାପାତ୍ର, ଭୋଳାନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜେଏମ୍‌ଏମ୍ ଛାଡ଼ି ପଦ୍ମ ଧରିଲେ ଲକ୍ଷ୍ମଣ

**ବାରିପଦା ଅଫିସ, ୨୦।୩**

■ମୟୂରଭଞ୍ଜ ରାଜନୀତିରେ ଚର୍ଚ୍ଚା ଜୋର

■ଲକ୍ଷ୍ମଣ ଲୋକସଭା କିମ୍ବା ବିଧାନସଭା ପାଇଁ ଲଢ଼ିପାରନ୍ତି

ମୟୂରଭଞ୍ଜର ପୂର୍ବତନ ଲୋକସଭା ଏମ୍‌ପି ଲକ୍ଷ୍ମଣ ଟୁଡୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ଛାଡ଼ି ବୁଧବାର ଭୁବନେଶ୍ୱରଠାରେ ଭାଜପାରେ ଯୋଗ ଦେଇଛନ୍ତି। ଏହାକୁ ନେଇ ମୟୂରଭଞ୍ଜ ଜିଲା ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଲକ୍ଷ୍ମଣ ଦଳରେ ସାମିଲି ହୋଇଥିବା କହିଛନ୍ତି। ଦଳୀୟ କର୍ତ୍ତୃପକ୍ଷ ଯାହା ଦାୟିତ୍ୱ ପ୍ରଦାନ କରିବେ, ଜଣେ ସାଧାରଣ କର୍ମୀଭାବେ ତାହା କରିବାକୁ ସେ ପ୍ରସ୍ତୁତ ଥିବା ଦର୍ଶାଇଛନ୍ତି। ଭାଜପାର ଏହି ମିଶ୍ରଣ ପର୍ବ ଅବସରରେ ଜିଲା ବିଜେଡି ପୂର୍ବତନ ସଭାପତି ଅବନୀ ମହାନ୍ତ, ମୋରଡା ବ୍ଲକର ପୂର୍ବତନ ଅଧକ୍ଷ ବୈଦ୍ୟନାଥ ମହାନ୍ତ, ମୋରଡା ବ୍ଲକର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମହାନ୍ତ, ବାରିପଦା ବ୍ଲକ ବିଜେଡି ସଭାପତି ଲିଙ୍ଗରାଜ ବେହେରା ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଉଲ୍ଲେଖନୀୟ ଯେ, ୨୦୧୮, ଅକ୍ଟୋବରରେ ଲକ୍ଷ୍ମଣ ବିଜେଡି ଛାଡ଼ି ଜେଏମଏମକୁ ଆସିଥିଲେ। ସେତେବେଳେ ଉପକୂଳ ଅଞ୍ଚଳର କେତେକ ନେତା, କିଛି ଜିଲା ଓ ରାଜ୍ୟର ପ୍ରଶାସନିକ ଅଧିକାରୀ ମୟୂରଭଞ୍ଜ ଜିଲାର ବିକାଶ ଚାହୁଁ ନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ମୟୂରଭଞ୍ଜ ଜିଲାରେ ଆଦିବାସୀ ଓ ଅଧିବାସୀଙ୍କ ବିକାଶ ପାଇଁ ଜେଏମଏମ ଏକମାତ୍ର ଦଳ, ଯିଏକି ନିଷ୍ଠାର ସହିତ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ହେଲେ ତାଙ୍କୁ କୌଣସି ପଦପଦବୀ ଦିଆଯାଇ ନଥିଲା। ୬ ମାସ ନ ପୁରୁଣୁ ପୁଣିଥରେ ସେ ଦଳବଦଳ କରିବା ଏବେ ଆଲୋଚନାର ବିଷୟ ପାଲଟିଛି। ଭାଜପାରେ ସାମିଲ ହେବା ପରେ ମୟୂରଭଞ୍ଜ ଲୋକସଭା ଆସନ କିମ୍ବା ସାରସକଣା ବିଧାନସଭା ଆସନରେ ସେ ଲଢ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ସ୍ଥାନୀୟ ଭାଜପା କର୍ମୀ ତାଙ୍କୁ କିଭଳି ଭାବେ ଗ୍ରହଣ କରିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ଏହି ଘଟଣାରେ ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଲକ୍ଷ୍ମଣ ଦଳ ଛାଡିଲେ ଦଳର କିଛି କ୍ଷତି ହେବ ନାହିଁ। ଆଗରୁ ସେ ବିଜେଡିରେ ଅଲୋଡା ହୋଇପଡିଥିଲେ। ନିଜ ସ୍ୱାର୍ଥ ପାଇଁ ସେ ଜେଏମଏମକୁ ଆସିଥିଲେ ବୋଲି ଏବେ ପ୍ରମାଣିତ ହୋଇଛି।

# ବଢୁଛି ବେପାର, ଫିକା ପଡୁଛି ପରମ୍ପରା

**ରୂପସା, ୨୦।୩(ଡି.ଏନ.ଏ.)**

■ପିଙ୍ଗୁାବଣିଆ ହୋଲି

■ଆଗ ଭଳି ଆସୁନାହିଁ ରାଧାକୃଷ୍ଣଙ୍କ ବିମାନ

■ସଂସ୍କୃତି, ପର୍ଯ୍ୟଟନ ବିଭାଗର ନଜର ନାହିଁ

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତରେ ପ୍ରସିଦ୍ଧ ପିଙ୍ଗୁାବଣିଆ ଦୋଳମେଳଣ ଶହେରୁ ଉର୍ଦ୍ଧ୍ୱ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଏହା ସମଗ୍ର ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ପିଙ୍ଗୁାବଣିଆ ହୋଲି ଭାବେ ଖ୍ୟାତି ଅର୍ଜନ କରିଛି। ଦୋଳପୂର୍ଣ୍ଣିମା ରାତିରୁ ମେଳଣ ଆରମ୍ଭ ହୋଇ ୪ ଦିନ ଧରି ଚାଲିଥାଏ। ସଂସ୍କୃତି, ଐତିହ୍ୟ, ପରମ୍ପରା ସମ୍ପନ୍ନ ଏହି ମେଳଣରେ ବର୍ଷକୁ ବର୍ଷ ବ୍ୟବସାୟିକ କାରବାର ବୃଦ୍ଧି ପାଉଥିବାବେଳେ ଆଗ ଭଳି ବାହାର ଅଞ୍ଚଳର ରାଧାକୃଷ୍ଣ ବିଗ୍ରହଙ୍କୁ ଆଉ ନିମନ୍ତ୍ରଣ କରାଯାଉ ନାହିଁ। ସୁସଜ୍ଜିତ ବିମାନରେ ବାଣରୋଷଣି କରି ଠାକୁର ଆସିବା ପରମ୍ପରା କ୍ରମେ ଫିକା ପଡ଼ିଲାଣି। କେବଳ ଗାଁ ଠାକୁର ମେଳଣକୁ ଆସୁଛନ୍ତି। ଏତିହ୍ୟ ଓ ସଂସ୍କୃତିର ସୁରକ୍ଷା ଲାଗି ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ମେଳଣ ପରି ଚାଳନା କରୁଥିବା କମିଟି ଓ ଅଞ୍ଚଳବାସୀ ଏଥର ମେଳାକୁ ଯଥା ସମ୍ଭବ ଅଧିକ ଆକର୍ଷଣ କରିବା ଲାଗି ଉଦ୍ୟମ ଚଳାଇଛନ୍ତି। ଏଥର ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ପିଙ୍ଗୁାବଣିଆ ଦୋଳମେଳଣ ବାଲେଶ୍ୱର ସୀମାନ୍ତବର୍ତ୍ତୀ ଇଲାକାରେ ଥିବାରୁ ଏଠାରେ ବହୁଭକ୍ତଙ୍କ ସମାଗମ ହୋଇଥାଏ। ମେଳଣ ପଡିଆରେ ବିଭିନ୍ନ ଘରକରଣା ଜିନିଷର ବିକ୍ରିବଟା ଅନ୍ୟତମ ଆକର୍ଷଣ ସୃଷ୍ଟିକରିଥାଏ। ଏଥର ଅନ୍ୟ ବର୍ଷ ଭଳି ବହୁ ବ୍ୟବସାୟୀ ଆସି ଉଠା ଦୋକାନ ଖୋଲି ପସରା ମେଲିବା ଆରମ୍ଭ କରିଛନ୍ତି। ପିଙ୍ଗୁାବଣିଆ ମେଳଣରେ କୃଷି ଉପକରଣଠାରୁ ଆରମ୍ଭ କରି ପିପିଲିର ଚାନ୍ଦୁଆ, ଖିଚିଂର ପ୍ରସ୍ତର ମୂର୍ତ୍ତି, ରେମୁଣାର କଂସା ବାସନ, ଭୋଗରାଇ ଓ ଚନ୍ଦନେଶ୍ୱରର ମସିଣା ଏବଂ ଗ୍ରାମୀଣ କାରିଗରଙ୍କ ଆକର୍ଷଣୀୟ ବେତପାଛିଆ, ମାଛଧରା ଜାଲ, ଚଲାଚାଲୁଣୀ, ବିଞ୍ଚଣା ଆଦି ସାମଗ୍ରୀ ବିକ୍ରି ହୋଇଥାଏ। ଚଣାଉଖୁଡ଼ା ବିକ୍ରି ହେବା ଏହି ମେଳାର ଅନ୍ୟତମ ବିଶେଷତ୍ୱ । ମେଳନ ଦେଖିବାକୁ ଆସୁଥିବା ଲୋକଙ୍କ ମଧ୍ୟରୁ କେହି ଚଣାଉଖୁଡ଼ା ନ କିଣି ଘରକୁ ଫେରି ଯାଇ ନ ଥାନ୍ତି। ଦୋଳମେଳଣ ସାଂସ୍କୃତିକ ପରିଷଦର ସଭାପତି ସରପଞ୍ଚ ସଞ୍ଜୟ କୁମାର ସେଠୀ କହିଛନ୍ତି, ଉକ୍ତ ମେଳଣରେ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ , ଶିଳ୍ପ ଓ ବାଣିଜ୍ୟ ବିଭାଗ ତରଫରୁ ପ୍ରଦର୍ଶନୀ ଖୋଲାଯିବା ଲାଗି ଆମେ ଦାବି କରି ଆସୁଛୁ। ଏଥିସହ ସାଂସ୍କୃତିକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଲେ ଏହାର ଆକର୍ଷଣ ବୃଦ୍ଧି ପାଇପାରନ୍ତା। ପିଙ୍ଗୁାବଣିଆ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ସର୍ବେଶ୍ୱର ସାହୁ କହିଛନ୍ତି, ଗ୍ରାମବାସୀଙ୍କ ସହଯୋଗରେ ପ୍ରଥମେ ମେଳଣ ଆରମ୍ଭ ହୋଇଥିଲା। ବାହାରୁ ୨୫ରୁ ଉର୍ଦ୍ଧ୍ୱ ବିମାନ ଆସୁଥିଲା। ଠାକୁରଙ୍କ ଜମିବାଡ଼ି ଥାଇ ବି ମନ୍ଦିର ବ୍ୟବସ୍ଥା ହୋଇପାରିନାହିଁ। ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମେଳଣର ଗୁରୁତ୍ୱ ବୁଝି ପଦକ୍ଷେପ ନେବା ଆବଶ୍ୟକ। ରୂପ୍‌ସା ଅଞ୍ଚଳର ଗୃହିଣୀ ଦୀପିକା ଦାସ କହିଛନ୍ତି, ଅବାଧ ଜୁଆଖେଳ, ଚୋରା ମଦ ଓ ନିଶା ବ୍ୟବସାୟ ଯୋଗୁ ମେଳଣ ଦେଖିବାକୁ ଆସୁଥିବା ଝିଅବୋହୂ ସୁରକ୍ଷିତ ମଣୁ ନାହାନ୍ତି। ମେଳାରେ ଦମକଳ ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସହ ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଇ ଦିଆଯିବା ଦରକାର। ଏ ସମ୍ପର୍କରେ ରୂପ୍‌ସା ଥାନାଧିକାରୀ ସୁଚନ୍ଦ୍ର ମହାଳିକଙ୍କୁ ପଚାରିବାରୁ କହିଛନ୍ତି, ମହିଳାଙ୍କ ନିରାପତ୍ତା ସହ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସବୁପ୍ରକାର ପଦକ୍ଷେପ ନିଆଯାଇଛି।

## ମାଟି ଖନନକୁ ଗ୍ରାମବାସୀଙ୍କ ବିରୋଧ



ବୁଧବାର ଭୁଆବନ୍ଧ ତଳେ ଜେସିବି ମେଶିନ୍‌ରେ ମାଟି ଖୋଳାଯାଉଛି।

**ଭୋଗରାଇ,୨୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲାରେ ଭୋଁସଲା ସାହେବ ଅମଳରେ ନିର୍ମିତ ବାଟଗ୍ରାମ-ମାନକୁଣ୍ଡା ବନ୍ୟା ପ୍ରତିରୋଧ ଭୁଆବନ୍ଧର ଉତ୍ତରପାର୍ଶ୍ୱ ତଳେ ଡ୍ରେନେଜ ବିଭାଗ ପକ୍ଷରୁ ମାଟି ଖନନ କରାଯାଥିବାରୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ସୁବର୍ଣ୍ଣରେଖାର ବନ୍ୟା ଦାଉରୁ ରକ୍ଷା ପାଇଁ ଦକ୍ଷିଣ ଭୋଗରାଇର ୩୨ ପଞ୍ଚାୟତର ଜନସାଧାରଣଙ୍କୁ ଏହି ବନ୍ଧ ସୁରକ୍ଷା ଦେଇଆସୁଛି। ବନ୍ଧ ତଳେ ଜେସିବି ମେଶିନ୍ ଲଗାଇ ମାଟି ଖୋଳାଯାଉ ଥିବାରୁ ବନ୍ଧ ଦବି ଯିବାର ଆଶଙ୍କା ରହିଛଇ ବୋଲି ଗ୍ରାମବାସୀ କହିଛନ୍ତି। ଏଭଳି କାର୍ଯ୍ୟ ଓ ଗ୍ରାମବାସୀଙ୍କ ବିରୋଧ ସମ୍ପର୍କରେ ଡ୍ରେନେଜ୍ ବିଭାଗର ସହକାରୀ ଯନ୍ତ୍ରୀ ଆର.କେ. ବେଶ୍ରାଙ୍କୁ ପଚାରିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବିକୁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇଥିବାର ପ୍ରକାଶ କରିଛନ୍ତି।

## ୨ ଚୋରା ମଦ ବେପାରୀ ଗିରଫ, ଗାଡ଼ି ଜବତ

**ନୀଳଗିରି,୨୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅବକାରୀ ପକ୍ଷରୁ ସ୍ଥାନୀୟ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବୁଧବାର ଚଢ଼ାଉ କରି ୩୫ଲିଟର ଚୋରା ଦେଶୀ ମଦ ସହିତ ଓଆର-୦୧ଏ ୪୫୪୬ ନମ୍ବର ବିଶିଷ୍ଟ ଏକ ଗାଡିକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଏନେଇ ଦୁଇଟି ପୃଥକ୍ ମାମଲା (ନଂ, ୧୧୪/୧୯ ଓ ୧୧୫/୧୯) ରୁଜୁ କରାଯାଇ ଚୋରା ବେପାରୀଙ୍କୁ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ ଘଟଘରସାହୀ ଗାଁର ରବୀନ୍ଦ୍ର ଜେନା (୩୦) ଓ ସଜନାଗଡ଼ ନୂଆସାହି ଗାଁର ଉମାକାନ୍ତ ଖଣ୍ଡେଇ (୫୦)।

# ତିନିକୋଶିଆ ଜଙ୍ଗଲକୁ ପଶିଲେ ଝାଡ଼ଖଣ୍ଡ ହାତୀ

**ସଜନାଗଡ଼,୨୦।୩(ଡି.ଏନ.ଏ.)** ଝାଡ଼ଖଣ୍ଡ ରାଜ୍ୟର ଦଲମା ଅଭୟାରଣ୍ୟରୁ ଚାଲି ଆସିଥିବା ୨୮ରୁ ଅଧିକ ଝାଡ଼ଖଣ୍ଡ ହାତୀ ଦୁଇଦିନ ହେବ ନୀଳଗିରି ବନାଞ୍ଚଳକୁ ଆସି ଉପଦ୍ରବ ଚଳାଇଛନ୍ତି। ମଙ୍ଗଳବାର ମଧ୍ୟରାତ୍ରିରେ ସେମାନେ ଗୋପାଳପୁର ଜଙ୍ଗଲରେ ରହିଥିଲେ। ସେମାନେ ଚିରାଚରିତ ରାସ୍ତା କାନ୍ଧସିମୁଳିଆ, ବୟାରସାହି, କୁଢ଼େଇପାଳ, ବୁଧୁସାହି, ହାତୀମୁଣ୍ଡା ଗ୍ରାମ ପାରହୋଇ ବୁଧବାର ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ଏଥିଲାଗି ଜଙ୍ଗଲ ତଳି ଗ୍ରାମରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଅବେଳରେ ଏହି ଝାଡ଼ଖଣ୍ଡ ହାତୀପଲ ଆସିବା ଯୋଗୁଁ ବନବିଭାଗ ହରବର ହୋଇପଡିଛି। କୁଲଡ଼ିହା ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ, ଫରେଷ୍ଟଗାର୍ଡ଼, ସବୁଜ ବାହିନୀ ହାତୀପଲର ଗତିବିଧି ଉପରେ ନଜର ରଖିଛନ୍ତି।




## ଗୋରୁ ବୋଝେଇ ୨ ଗାଡ଼ି ଜବତ

**ରେମୁଣା,୨୦।୩(ଡି.ଏନ.ଏ.)** ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ଶେରଗଡ଼ ଟୋଲ ପ୍ଲାଜା ନିକଟ ଜଗନ୍ନାଥ ପେଟ୍ରୋଲ ପମ୍ପ ସାମ୍ନାରୁ ପୋଲିସ ବେଆଇନ ଗୋଚାଲାଣ କରୁଥିବା ଦୁଇଟି ଟ୍ରକ୍‌କୁ ଜବତ କରିଛି। ବୁଧବାର ସକାଳେ ଶେରଗଡ଼ ଫାଣ୍ଡି ଅଧିକାରୀ ପାଟ୍ରୋଲିଂ କରୁଥିବା ସମୟରେ ଓଡ଼ି୨୨-୦୫୪୪ ଓ ଓଆର୍‌୨୨-୯୦୩୩ ନଂ. ବିଶିଷ୍ଟ ଦୁଇ ଟ୍ରକ୍‌ରେ ଭଦ୍ରକରୁ କଲିକତା ଅଭିମୁଖେ ଗୋ ଚାଲାଣ ହେଉଥିବା ଦେଖିଥିଲେ। ସେ ଗାଡ଼ି ଦୁଇଟିକୁ ଜବତ କରି ସେଥିରୁ ଉଦ୍ଧାର ୫୦ଟି ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏହି ଉଦ୍ଧାର ଗୋରୁଙ୍କୁ ରେମୁଣାସ୍ଥିତ ଗୋଶାଳରେ ରଖାଯାଇଛି। ଦୁଇ ଟ୍ରକ୍‌ର ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରହିଛି। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା (ନଂ ୮୭/୧୯) ରୁଜୁ କରାଯାଇଛି ବୋଲି ଶେରଗଡ଼ ଫାଣ୍ଡି ପୋଲିସ ସୂଚନା ଦେଇଛି।

## ମୁଗୁନି ପଥର ବୋଝେଇ ଡମ୍ପର ଜବତ

**ଖୁଣ୍ଟା,୨୦।୩(ଡି.ଏନ୍,ଏ)** ମୟୂରଭଞ୍ଜ ଜିଲା ଖୁଣ୍ଟା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ କଳା ମୁଗୁନି ପଥର ବୋଝେଇ ଡମ୍ପର ଜବତ କରାଯାଇ ସ୍ଥାନୀୟ ଥାନାରେ ଜିମା ଦିଆଯାଇଛି । ବୁଧବାର ପୂର୍ବାହ୍ନରେ କଳା ମୁଗୁନି ପଥର ବୋଝେଇ ଏହି ଡମ୍ପର ବାରିପଦା - ଉଦଳା ରାଜ୍ୟ ରାଜପଥରେ ଉଦଳା ଅଭିମୁଖେ ଯାଉଥିଲା। ତହସିଲଦାର ପ୍ରିୟଦର୍ଶିନୀ ମଲିକ ଏହାକୁ ଅଟକାଇ ଅଧିକ ତଦନ୍ତ ଚଳାଇଛନ୍ତି।






## ସଂକ୍ଷେପରେ

### ମୂଷାମରା ଔଷଧ ଖାଇ ଯୁବତୀ ମୃତ

**ଢେଙ୍କିକୋଟ, ୨୦।୩(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଭୋଲବେଡ଼ା ଗ୍ରାମପଞ୍ଚାୟତ ଭୋଲବେଡ଼ା ଗ୍ରାମରେ ଘରୋଇ କଳିରୁ ଜଣେ ଯୁବତୀ ମୂଷାମରା ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ଯୁବତୀ ଜଣଙ୍କ ହେଲେ ଭୋଲବେଡ଼ା ଗ୍ରାମର ଗୌରାଙ୍ଗ ମହାକୁଡ଼ଙ୍କ ଝିଅ ସୁମିତ୍ରା ମହାକୁଡ଼। ସେ ଲୁଚାଛପାରେ ଏକ ପ୍ରକାର ମାଟିର ବାସ୍ନା ନେଇ ସେ ମାଟିକୁ ଚାଟିକି ଖାଇଥାନ୍ତି। ସାଙ୍ଗମାନେ ତାଙ୍କୁ ବାରଣ କରିବା ସତ୍ତ୍ୱେ ମଧ୍ୟ ସେ କାହା କଥା ଶୁଣି ନ ଥାନ୍ତି। ପରେ ତାଙ୍କ ବାପା ଜାଣି ପାରି ମଙ୍ଗଳବାର ଝିଅକୁ ମାଟି ନ ଖାଇବା ପାଇଁ ତାଗିଦ କରିବା ସହ ଗାଳି ଦେଇଥିଲେ। ଏତିକି କଥାରେ ଝିଅ ଘର ପରିବାର ଉପରେ ଅଭିମାନ କରି ଘରେ ଥିବା ମୂଷାମରା ବିଷକୁ ସ୍ପ୍ରାଇଟ୍ ସହ ମିଶାଇ ପିଇଦେଇଥିଲେ। କିଛିସମୟ ପରେ ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ବୁଧବାର ଅପରାହ୍ନ ସାଢ଼େ ୧୨ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, କନଷ୍ଟେବଲ ସୁଶିଲ କୁମାର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା ( ନଂ .୮/୧୯) ରୁଜୁ କରି ପୋଷ୍ଟମର୍ଟମ ପାଇଁ ପାଟଣା ଡାକ୍ତରଖାନାକୁ ପଠାଇଛନ୍ତି।

### ବିଦେଶୀ ମଦ ଜବତ, ଜଣେ ଗିରଫ

**ପାଟଣା,୨୦।୩(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ରାଇଡିହା ଗ୍ରାମରେ ମଙ୍ଗଳବାର ରାତି ପାଟଣା ପୋଲିସ ତରଫରୁ ଏଏସ ଆଇ ଅଶୋକ କୁମାର ନାଏକ ଚଢ଼ାଉ କରି ବେଆଇନ ମଦ କାରବାରରେ ଲିପ୍ତ ଥିବା ଜଣେ ବ୍ୟକ୍ତି ଙ୍କୁ ଗିରଫ କରିବା ସହ ୨୩ ବୋତଲ ବିଦେଶୀ ମଦ ଜବତ କରିଛନ୍ତି। ଗିରଫ ବ୍ୟକ୍ତି ହେଲେ ଦିଲୀପ କୁମାର ମିଶ୍ର। ପାଟଣା ଥାନା ଏଏସ ଆଇ ସୁଧାଂଶୁ ଶେଖର ଜେନା ଏକ ମାମଲା (ନଂ.୩୫/୧୯) ରୁଜୁ କରି ୪୧ ଧାରାରେ ଦିଲୀପଙ୍କୁ ଜାମିନରେ ଛାଡ଼ିଦେଇଛନ୍ତି।

### ୨ ଶିକାରୀ ଗିରଫ: ମାରଣାସ୍ତ୍ର ଜବତ

**ଆନନ୍ଦପୁର, ୨୦। ୩(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହଦଗଡ ଅଭୟାରଣ୍ୟରୁ ବନ ବିଭାଗ ଚଢ଼ାଉ କରି ଦୁଇ ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିଥିବା ସୂଚନା ମିଳିଛି। ଶିକାରୀମାନେ ହେଲେ ବାହିଆ ବାରଦଣ୍ଡା ଗ୍ରାମର ମୋତିଆ ହୋ ଓ ଯୋଗେନ୍ଦ୍ର ହୋ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ବାହିଆ ବାରଦଣ୍ଡା କେନାଲ ନିକଟରେ ଶିକାରୀ ଦୁଇ ଅସ୍ତ୍ରଶସ୍ତ୍ର ସହିତ ଶିକାର ଉଦ୍ଦେଶ୍ୟରେ ଜଗି ବସିଥିବାବେଳେ ବନବିଭାଗ କର୍ମଚାରୀମାନେ ସେମାନଙ୍କୁ କାବୁ କରିଥିଲେ। ଗିରଫ ଶିକାରୀମାନଙ୍କ ଠାରୁ ଦୁଇ ଗୋଟି ଧନୁ ଓ ୫ ଗୋଟି ତୀର ଜବତ ହୋଇଛି। ଖରାଦିନରେ ହରିଣ, କୁଟୁରା, ସମ୍ବର, ବାରହା ପ୍ରଭୃତି ବନ୍ୟଜନ୍ତୁ ଶୋଷ ମେଣ୍ଟାଇବାକୁ ଆସୁଥିବାବେଳେ ଏମାନଙ୍କୁ ଶିକାର କରିବା ପାଇଁ ଶିକାରୀମାନେ ଜଗିଥିଲେ। ଗିରଫ ଶିକାରୀ ଦୁଇଜଣଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଛି।

■ ବଡ଼ବିଲରେ ବିଶ୍ୱ ପଖାଳ ଦିବସ-୨୦୧୯

# ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କୁ ଏକାଠି କଲା ନୀଳାଦ୍ରି

**ବଡ଼ବିଲ, ୨୦।୩(ସ୍ୱ.ପ୍ର.)**



ବିଭିନ୍ନ ଧର୍ମ ଓ ଜାତିର ଲୋକେ ଏକାଠି ବସି ପଖାଳ ଖାଉଛନ୍ତି।

■ ଦହିପଖାଳ ସାଙ୍ଗକୁ ନାନା ରକମର ଖାଦ୍ୟ ଆଖି ଖୋସିଲା

ମାର୍ଚ୍ଚ ମାସ ୨୦ ତାରିଖ ଦେଶ ବିଦେଶ, ସବୁଠି ଓଡ଼ିଆଙ୍କ ପ୍ରିୟ ଖାଦ୍ୟକୁ ନେଇ ପାଳନ ହେଉଛି ବିଶ୍ୱ ପଖାଳ ଦିବସ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡ଼ବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ପକ୍ଷରୁ ଏକ ନିଆରା ଢଙ୍ଗରେ ଦହିପଖାଳ ସାଙ୍ଗକୁ ନାନା ରକମର ଚାଖଣାରେ ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କୁ ଏକାଠି କରି ଆପ୍ୟାୟିତ କରିଛି। ଏହି ବିଶ୍ୱ ପଖାଳ ଦିବସରେ ବଡ଼ବିଲ ଭଳି ବିଭିନ୍ନ ଭାଷାଭାଷୀ ସମୁଦାୟ ଅଞ୍ଚଳରେ ଓଡ଼ିଆଙ୍କ ଖାଦ୍ୟର ପ୍ରଚାର ପ୍ରସାର ନିମନ୍ତେ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ଅଞ୍ଚଳର ବିଭିନ୍ନ ଅଣଓଡ଼ିଆମାନଙ୍କୁ ଅତିଥିଭାବେ ନିମନ୍ତ୍ରଣ କରି ପଖାଳ ଖୁଆଇବା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବିଶ୍ୱ ପଖାଳ ଦିବସ ଅବସରରେ ବୁଧବାର ଅପରାହ୍ନରେ ନୀଳାଦ୍ରି କାର୍ଯ୍ୟାଳୟ ପରିସରରେ ଏହି ନିଆରା ପରମ୍ପରାର ପ୍ରାରମ୍ଭରେ ଏକ ସଭାର ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଭିନ୍ନ ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତା, ସାମାଜିକ କର୍ମୀ, ବ୍ୟବସାୟୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଏହି ସଭାରେ ଉପସ୍ଥିତ ରହିଥିଲେ। ସବୁ ଧର୍ମ ଓ ଜାତିର ଲୋକଙ୍କୁ ନେଇ ପାଳନ ହେଉଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଘରେ ଘରେ ଆଦୃତ ହେଉଥିବା ପଖାଳର ସୃଷ୍ଟି, ଆଧାତ୍ମିକ ସମ୍ପର୍କ, ବୈଜ୍ଞାନିକ ଉପକାର ପଖାଳର ମହତ୍ତ୍ୱ ଆଦି ସମ୍ପର୍କରେ ଅବଗତ କରିଥିଲା ନୀଳାଦ୍ରି। ତେବେ ପଖାଳର ଏତେ ମାତ୍ରାରେ ଆଦର ଦେଶ ବିଦେଶରେ ବଢୁଥିବାରୁ ବିଭିନ୍ନ ପଞ୍ଚତାରକା ହୋଟେଲରେ ମଧ୍ୟ ବେଶ୍ ଆଗ୍ରହର ସହ ଲୋକେ ଖାଉଥିବା ଦେଖିବାକୁ ମିଳିଛି ବୋଲି ମତପ୍ରକାଶ ପାଇଥିଲା। ଏହାପରେ ଅତିଥି ସତ୍କାର ପରମ୍ପରା ଆରମ୍ଭ ହୋଇଥିଲା। ଅତିଥିମାନଙ୍କୁ ନୀଳାଦ୍ରି ସଦସ୍ୟମାନେ ଦହିପଖାଳ କଂସା ପାଖରେ ଏକ ବିଶାଳ ଥାଳିରେ ୨୦ରୁ ଉର୍ଦ୍ଧ୍ୱ ରକମର ଚାଖଣାରେ ବଡି ଚୂରା, ସଜନା ଛୁଇଁ ବେସର ଭଜା, ଫୁଲ ବଡ଼ି ଭଜା, ଆଳୁ ଭରତା, ବାଇଗଣ ଭରତା, ବିଲାତି ପୋଡ଼ା, ପୋଟଳ ଭଜା, ଭେଣ୍ଡି ଭଜା, ଆଳୁ ଭଜା, ଅଞ୍ଜାନ ଘାଣ୍ଟ, ଛୋଟ ପିଆଜ, ଲଙ୍କା, କାକୁଡିକଟା, ବିଲାତି ଖଟା, ଧନିଆ ପତ୍ର ଚଟଣୀ, ପୁଦିନାପତ୍ର ଚଟଣୀ ଓ ଆମିଷରେ ରୋହି ମାଛ ଭଜା, ଚୂନା ମାଛ ଭଜା ଏବଂ ଇଲିଶି ଶୁଖୁଆ ଆଦି ସଜାଇ ପରଷି ଥିଲାବେଳେ ତାହା ଦେଖି ଅତିଥିମାନଙ୍କ ଆଖି ଖୋସି ହୋଇଯାଇଥିଲା। ଅତିଥିମାନେ ଆପ୍ୟାୟିତ ହୋଇ ଓଡ଼ିଆଙ୍କ ପଖାଳ ସାଙ୍ଗକୁ ଚାଖଣା ଏବଂ ନୀଳାଦ୍ରିର ଏହି ଅଭୁତ ଆୟୋଜନକୁ ଭୂରିଭୂରି ପ୍ରଶଂସା କରିଥିଲେ।

## ପରକୀୟା ପ୍ରୀତି: ଛେଚା ଖାଇଲେ ଯୁବକ

**ହାଟଡିହୀ, ୨୦।୩(ଡି.ଏନ୍.ଏ.)**

ହାଟଡିହୀ ବ୍ଲକ ଅଞ୍ଚଳରେ ପରକୀୟା ପ୍ରିତିକୁ ନେଇ ଯୁବକ ଜଣକ ଛେଚା ଖାଇଛି। ଖବରରୁ ଜଣାଯାଇଛି ଯେ ଯୁବକଙ୍କ ବୟସ ପ୍ରାୟ ୨୮ ବର୍ଷ ହେବ। ଉକ୍ତ ଯୁବକଙ୍କର ଜଣେ ମହିଳାଙ୍କ ସହିତ ପ୍ରେମ ସମ୍ପର୍କ ଥିଲା । ଗତ ମଙ୍ଗଳବାର ଯୁବକ ଜଣଙ୍କ ମହିଳାଙ୍କୁ ଏକ ପୋଖରୀ ନିକଟକୁ ଡକାଇଥିଲେ । ଯୁବକ ଓ ମହିଳା ରାତି ପ୍ରାୟ ୮ଟା ସମୟରେ କଥା ହେଉଥିଲେ । ମହିଳାଙ୍କ ସ୍ୱାମୀ ବଜାରରୁ ଘରକୁ ଫେରି ନିଜ ସ୍ତ୍ରୀକୁ ଖୋଜିଥିଲେ । ସ୍ତ୍ରୀଙ୍କୁ ପାଇ ନ ଥିଲେ । ସ୍ତ୍ରୀଙ୍କୁ ଖୋଜି ଖୋଜି ସେହି ପୋଖରୀ ଆଡ଼କୁ ଯାଇଥିଲେ। ଅନ୍ଧାରରେ ଯୁବକ ସହ ନିଜ ସ୍ତ୍ରୀଙ୍କୁ ଦେଖିବା ପରେ ଯୁବକଙ୍କୁ ମାଡ଼ ମାରିଥିଲେ। କଥାକୁ ପ୍ରଘଟ ନ କରିବା ପାଇଁ ଯୁବକ ଜଣଙ୍କ ମହିଳାଙ୍କ ସ୍ୱାମୀଙ୍କ ଗୋଡ଼ ଧରି ଭୁଲ ମାଗିଥିଲେ । ଆଉ ଏପରି କରିବେ ନାହିଁ ବୋଲି କହିବା ପରେ ଯୁବକ ଜଣଙ୍କୁ ଛଡ଼ା ଯାଇଥିଲା । ଯାହାକି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି ।

■ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ଫେଲ୍

## ମିଳୁନି ସରକାରୀ ସହାୟତା

**ହାଟଡିହୀ, ୨୦।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଉଅଁର ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ପ୍ରଫୁଲ୍ଲ ପେରେଇଙ୍କ ସ୍ତ୍ରୀ ମଞ୍ଜୁଲତା ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧।୦୭।୨୦୧୬ ତାରିଖରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଇଥିଲେ। କିନ୍ତୁ ୯।୪।୨୦୧୭ ତାରିଖରେ ତୃତୀୟ ସନ୍ତାନ ଜନ୍ମ ନେଇଥିଲା। ପୂର୍ବରୁ ତାଙ୍କର ଦୁଇଟି ଝିଅ ଥିଲା। ସେ ଜଣେ ଅତି ଗରିବ ଶ୍ରେଣୀର ଲୋକ । ପୁନଶ୍ଚ ଆଉ ଏକ ସନ୍ତାନ ଜନ୍ମ ନେବାରୁ ପ୍ରଫୁଲ୍ଲ ଏବେ ମାନସିକ ଚାପ ଗ୍ରସ୍ତ ହୋଇ ଅଶାନ୍ତିରେ ଦିନ କାଟୁଛନ୍ତି। ଏପରି ଘଟଣାକୁ ନେଇ ସରକାରୀ ସହାୟତା ପାଇଁ ପ୍ରଫୁଲ୍ଲ ବ୍ଲକ ସ୍ତରରୁ ଆରମ୍ଭ କରି ଜିଲା ସ୍ତର ପର୍ଯ୍ୟନ୍ତ ନିଜର ଆପତ୍ତି ଅଭିଯୋଗ ଜଣାଇଥିଲେ ବି ତାଙ୍କୁ ଅଦ୍ୟାବଧି ସରକାରୀ ସହାୟତା ମିଳିପାରୁନି। ଦୀର୍ଘ ଏକ ବର୍ଷ ହେବ ସରକାରୀ ସହାୟତା ପାଇଁ ଯେତେ ଦୌଡିଲେ ବି ତାଙ୍କୁ ନିୟମ ଅନୁସାରେ ସରକାରୀ ସହାୟତା ନ ମିଳିବା ସ୍ୱାସ୍ଥ୍ୟ ବିଭାଗର ଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଜିଲା ଏଡିଏମଓ ସୁଧାଂଶୁ ଶେଖର ବଳ କହିଛନ୍ତି ଯେ, ଘଟଣା ଦିଗରେ ଜାଣିଛି ଏବଂ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯାଇ ଏହାର ସମାଧାନ କରାଯିବ।

## ଶିକୁଳିରେ ବନ୍ଧା ଦୈତାରୀଙ୍କ ଜୀବନ

**ରାଇସୁଆଁ, ୨୦।୩ (ଡି.ଏନ.ଏ.)**

ସରକାର ଗରିବ ନିରାଶ୍ରୟ ଏବଂ ଅସହାୟ ମାନସିକ ରୋଗୀଙ୍କ ଥଇଥାନ ପାଇଁ ଯୋଜନା ପରେ ଯୋଜନା କରିଛନ୍ତି। ମାତ୍ର କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଉପର କୁସୁମିତା ଗ୍ରାମର ପୂର୍ବତନ ପ୍ରାଥମିକ ଶିକ୍ଷକ ଦୈତାରୀ ପ୍ରଧାନଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିନାହିଁ। ତାଙ୍କ ବୟସ ୬୫ରୁ ଉର୍ଦ୍ଧ୍ୱ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେ ବାଂଶପାଳ ବ୍ଲକର ପଣସନେସା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଆଦିବାସୀଙ୍କୁ ଶିକ୍ଷାଦାନ କରିବା ସହ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଚେଷ୍ଟା କରିବା ସହ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ବହୁ ଚେଷ୍ଟା କରୁଥିଲେ। ଜୀବନରେ ଅନେକ ଭଲ କାମ କରିଛନ୍ତି। ଦୈତାରୀ ମାନସିକ ସ୍ଥିତି ହରାଇବା ପରେ ସମସ୍ତେ ତାଙ୍କ ହାତ ଛାଡ଼ି ଦେଇଛନ୍ତି। ତାଙ୍କ ସ୍ତ୍ରୀ ମଧ୍ୟ ସେବା କରିବାକୁ ପଡ଼ିବ ବୋଲି ଛାଡ଼ି ଚାଲିଯାଇଛନ୍ତି।

ଆର୍ଥିକ ଅନଟନ ଏବଂ ସଚେତନତାର ଅଭାବ ଯୋଗୁ ଡାକ୍ତରୀ ଚିକିତ୍ସା ତାଙ୍କୁ ମିଳିପାରି ନ ଥିଲା। ଫଳରେ ଦିନକୁ ଦିନ ସମ୍ପୂର୍ଣ୍ଣ ଭାବେ ମାନସିକ ସ୍ଥିତି ହରାଇବସିଲେ। କିଏ ମୁଠାଏ ଖାଇବାକୁ ଦେଲେ ଖାଉଛନ୍ତି ନ ହେଲେ ଭୋକିଲା ରୁହନ୍ତି। କାଳେ କେଉଁ ଆଡ଼େ ଚାଲିଯିବେ ସେଥି ପାଇଁ ତାଙ୍କୁ ଶୁକୁଳିରେ ବାନ୍ଧି ରଖାଯାଇଛି ବୋଲି ପଡ଼ୋଶୀ କହିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ସଞ୍ଜୟ ସାହୁ କହିଛନ୍ତି ଯେ, ସରକାର ଏବଂ ବହୁ ବେସରକାରୀ ସଂସ୍ଥା ତଥା ଏନଜିଓମାନେ ଅସହାୟଙ୍କୁ ସହାୟତା ପାଇଁ ବହୁ କାର୍ଯ୍ୟକ୍ରମ କରୁଛନ୍ତି। ମାତ୍ର ଏହି ଅସହାୟ ଦୈତାରୀଙ୍କୁ କୌଣସି ସହାୟତା ନ କରିବା ଅତ୍ୟନ୍ତ ଦୁଃଖଦାୟକ। ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିଲେ ସେ ସମ୍ପୂର୍ଣ୍ଣ ଭଲ ହୋଇ ଯାଆନ୍ତେ ବୋଲି ସେ କହିଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଦୈତାରୀଙ୍କୁ ସହାୟତା ଯୋଗାଇବା ସହ ଉନ୍ନତ ଚିକିତ୍ସା କରାଇବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଦାବି କରିଛନ୍ତି।

## ବାଇକ ଚାଳକ ପୁରସ୍କୃତ



ଜଣେ ମହିଳା ବାଇକ୍ ଚାଳକଙ୍କୁ ପୁରସ୍କୃତ କରାଯାଉଛି।

**ପାଟଣା, ୨୦।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ତରଫରୁ ଥାନା ଅଧିକାରୀ ବିଜୟକୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ବୁଧବାର ଘିଥିବାସ ଛକ ନିକଟରେ ମୋଟର ଯାନ ଯାଞ୍ଚ ହୋଇଥିଲା। ଯାଞ୍ଚ ସମୟରେ ଉତ୍ତମ ବାଇକ ଚାଳକ ଭାବେ ହେଲମେଟ ପିନ୍ଧି ଗାଡି ଚଳାଉଥିବା ବାଇକ ଚାଳକଙ୍କୁ ପୋଲିସ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଉତ୍ତମ ଚାଳକ ଭାବେ ପ୍ରଫୁଲ୍ଲ କୁମାର ପଣ୍ଡା, ଯଦୁମଣି ନାଏକ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, କେଦାର ବେହେରା, ପିତାମ୍ବର ନାଏକ, କହ୍ନେଇ ଚରଣ ନାଏକ, ଶିକ୍ଷକ ଘନଶ୍ୟାମ ମହାନ୍ତ ଓ ବନମାଳୀ ନାଏକଙ୍କୁ ତୁରୁମୁଙ୍ଗା ପୋଲିସ ତରଫରୁ ପ୍ରୋତ୍ସାହନ ରାଶି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଯାଞ୍ଚରେ ତୁରୁମୁଙ୍ଗା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ପାଲାକାର ପରିଷଦର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି

**ହାଟଡିହୀ, ୨୦।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଶ୍ୱତାରିଣୀ ପାଲାକାର ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତମାସ ୨୯ ଓ ୩୦ ତାରିଖ ଦୁଇଦିନ ଧରି ମରିଗାଁ ଉନ୍ନୀତ ପବ୍ଲିକ ଇଂରାଜି ବିଦ୍ୟାଳୟରେ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀ କିପରି ଠିକ୍ ଓ ସୁଚାରୁ ରୂପେ ସମ୍ପନ୍ନ ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାୟୀ ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଗୋପୀନାଥ ଦ୍ୱିବେଦୀ, ସମ୍ପାଦକ ବାବାଜି ଚରଣ ଜେନା, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ପ୍ରଭାକର ପାଣି, ପୂର୍ବତନ ଉପସଭାପତି ପର୍ଶୁରାମ ଦାସ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ପାଲାକାରମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## କଂଗ୍ରେସର ପ୍ରାକ୍ ନିର୍ବାଚନୀ ରାଲି



ବାଇକ୍ ରାଲିରେ କଂଗ୍ରେସ କର୍ମୀ।

**ଆନନ୍ଦପୁର, ୨୦।୩(ସ୍ୱ.ପ୍ର.)**

ଆନନ୍ଦପୁର ନିର୍ବାଚନମଣ୍ଡଳୀର ଗୟଳମୁଣ୍ଡାଠାରେ କଂଗ୍ରେସ ପକ୍ଷରୁ ଏକ ନିର୍ବାଚନ ରାଲି ଦେଖିବାକୁ ମିଳିଛି। ଗୟଳମୁଣ୍ଡା ପଞ୍ଚାୟତର ଭାଲୁଘେରା ଠାରୁ ଏହି ରାଲି ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ କୋହ୍ଲଡିହା ନିକଟ ଏକ ପଡିଆରେ କର୍ମୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ରାଲିରେ ଆଶାୟୀ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ପିସିସି ସଭାପତି ଜୟେଦେବ ଯେନା, ପିସିସି ସଦସ୍ୟ ନିକୁଞ୍ଜ ବିହାରୀ ମିଶ୍ର, ସ୍ଥାନୀୟ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ଅକ୍ଷୟ ମହାନ୍ତଙ୍କ ସମେତ ଶତାଧିକ କର୍ମୀ ବାଇକ୍ ରାଲିରେ ସାମିଲ ହୋଇଥିଲେ। ଯଦିଓ ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ବିଧିବଦ୍ଧ ଭାବେ କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା ହୋଇନି ତଥାପି କଂଗ୍ରେସ ତାର ସ୍ଥିତି ସୁଦୃଢ଼ କରିବା ନିମନ୍ତେ ଏହି ବାଇକ୍ ରାଲି କରିଥିବା କର୍ମୀମାନେ ପ୍ରକାଶ କରିଛନ୍ତି। ୨୦୦୯ ଓ ୨୦୧୪ରେ କଂଗ୍ରେସ ନିର୍ବାଚନମଣ୍ଡଳୀକୁ ହାତଛଡା କରିଥିବା ଥିବାବେଳେ ଚଳିତ ନିର୍ବାଚନରେ ନିଜର ସ୍ଥିତି ଜାହିର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଜୟଦେବ ଯେନା ଦଳୀୟ କର୍ମୀମାନଙ୍କ ମଧ୍ୟରେ ଦଳ ପ୍ରତି ଉତ୍ସାହ ସୃଷ୍ଟି କରିବା ଆରମ୍ଭ କରିଛନ୍ତି।

## ବାଇକ୍ ଦୁର୍ଘଟଣା: ୨ ଗୁରୁତର

**ଢେଙ୍କିକୋଟ, ୨୦।୩(ଡି.ଏନ୍.ଏ.)**

ବୁଧବାର ଦିନ ସାଢ଼େ ଗୋଟାଏରେ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପୋଇପାଣି ଗ୍ରାମର ମୂରଲିଧର ମହାନ୍ତ ଏବଂ ତାଙ୍କ ସ୍ତ୍ରୀ ବୈଶାଖୀ ମହାନ୍ତ ୨ ବର୍ଷର ନାତିକୁ ଧରି ଯାଜପୁର ଯାଉଥିଲେ। ଖଣ୍ଡଘର ଟୋଲ୍‌ପ୍ଲାଜା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ବାଡ଼ାରେ ବାଡ଼େଇ ହୋଇଯାଇଥିଲା। ଏଥିରେ ୨ଜଣ ଗୁରୁତର ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଉଭୟ ସ୍ୱାମୀ–ସ୍ତ୍ରୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଢେଙ୍କିକୋଟଠାରୁ କେନ୍ଦୁଝର ନେକେଡ଼ା ପର୍ଯ୍ୟନ୍ତ ରାଜପଥ ପୋଲ ଏବଂ ବଜାର ମଧ୍ୟରେ ଥିବା ଚଲାପଥ କିମ୍ବା ଓଭରବ୍ରିଜ୍ ଗୁଡ଼ିକର କାର୍ଯ୍ୟ ଅଧାପନ୍ତରିଆ କହି ରାତି ଚାଲିଯିବାରୁ ରାଜପଥରେ ଦୈନିକ ବହୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ।

## ବିଦ୍ୟୁତ୍ ସଂଯୋଗ ନ ଥାଇ ଆସୁଛି ବିଲ୍

**ତେଲକୋଇ, ୨୦।୩(ଡି.ଏନ.ଏ.)**

**ଅଭିଯୋଗ କଲେ ଗ୍ରାମବାସୀ**



ସଂଯୋଗ ନ ଥାଇ ଆସିଥିବା ବିଲ।

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନରେ ବିଭିନ୍ନ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ । ତେବେ ଉକ୍ତ ଗ୍ରାମର ବିଭିନ୍ନ ହିତାଧିକାରୀ ବୁଧବାର ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ବିଲ ଦେଖାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ମାର୍ଚ୍ଚ ମାସ ପାଇଁ ବିଦ୍ୟୁତ ବକେୟା ଆଦାୟ କରିବା ନେଇ ଜିଲା ବିଦ୍ୟୁତ ବିଭାଗର ଅଧିକାରୀ ନାରାୟଣ ଦାଶଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ। ହେଲେ ବିଦ୍ୟୁତ ବିଭାଗର ବିଲର ସାମଞ୍ଜସ୍ୟକୁ ନେଇ ବିବାଦ ହୋଇଥିବା ବେଳେ ବହୁ ଗ୍ରାମରେ ବିଦ୍ୟୁତ ସଂଯୋଗ ନ ଥିବା ବେଳେ ଲକ୍ଷାଧିକ ଟଙ୍କାର ବିଲ ଆସୁଥିବାକୁ ନେଇ ଉତ୍ତେଜନା ହୋଇଥିଲା। ବ୍ଲକ ଅଧୀନର ସିରିଗିଡା ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମର ଧନେଶ୍ୱର ମୁଣ୍ଡା ,ଶିବ ମୁଣ୍ଡା, ରାମସିଂ ମୁଣ୍ଡା, ପାର୍ବତୀ ମୁଣ୍ଡା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ତାଙ୍କ ପାଖକୁ ଆସିଥିବା ଲକ୍ଷାଧିକ ଟଙ୍କାର ବିଲକୁ ବିଦ୍ୟୁତ ଅଧିକାରୀଙ୍କ ଠାରେ ଦାଖଲ କରିଥିଲେ। ସେହିପରି ଛାମୁଣ୍ଡା ପଞ୍ଚାୟତର ହିତାଧିକାରୀ ଓ ପଡାଙ୍ଗ ପଞ୍ଚାୟତର ହିତାଧିକାରୀ ମାନେ ମଧ୍ୟ ଏହି ବିଲକୁ ନେଇ ପ୍ରତିବାଦ କରିଥିଲେ। ମକାପଡା ଗ୍ରାମର ବିଦ୍ୟୁତ ସଂଯୋଗ ହୋଇ ନ ଥିବା ଗୌର ମହାନ୍ତ ତାଙ୍କ ପାଖକୁ କିପରି ବିଲ ଆସିଥିଲା ବୋଲି ବିଦ୍ୟୁତ ବିଭାଗକୁ ପଚାରିଥିଲେ । ସେହିପରି ହାଡିବନ୍ଧୁ ଦାଶ ମଧ୍ୟ ଅନୁରୂପ ବିଲ ଦେଖାଇ ବିଦ୍ୟୁତ ସଂଯୋଗ ନଥିବା ଯୋଗୁଁ ବିଦ୍ୟୁତ ଅଧିକାରୀଙ୍କୁ ଗାଳି ଗୁଲଜ କରିବା ଦେଖା ଦେଇଥିଲା। ଏସମ୍ପର୍କରେ ବିଦ୍ୟୁତ ଜିଲା ଅଧିକାରୀ ନାରାୟଣ ଦାଶଙ୍କୁ ପଚାରିବାରୁ ସେ କହିଲେ ଯେ ମୋ ପାଖରେ ଯାହା ତଥ୍ୟ ରହିଛି ସମସ୍ତଙ୍କ ପାଖକୁ ଯାଇ ତଦନ୍ତ କରୁଛୁ । ଯେଉଁ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇନାହିଁ ଉକ୍ତ ଗ୍ରାମପାଇଁ କିଭଳି ବିଲ ଆସୁଛି ଏହାର ତଦନ୍ତ କରାଯିବ । ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଅନୁଦାନରେ ପ୍ରତି ଗ୍ରାମକୁ ବିଦ୍ୟୁତ ସଂଯୋଗର ଯୋଜନା କରାଯାଉଛି ।

■ ଦଳୀୟ ଟିକେଟ ପାଇଁ ରାଜଧାନୀରେ ନେତାଙ୍କ ଡେରା

# ୩ ପ୍ରମୁଖ ଦଳରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି

**ପାଟଣା, ୨୦।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀଟି ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ନିର୍ବାଚନ ମଣ୍ଡଳୀରୁ ୨୦୧୪ ନିର୍ବାଚନରେ ବିଜେଡିର ପୁରୁଖା ନେତା ହୃଷୀକେଶ ନାଏକ ଜିତିଥିଲେ। ୨୦୧୯ରେ ବିଜେଡି, ଭାଜପା ଆଉ କଂଗ୍ରେସ ଦଳରୁ କିଏ ଦଳୀୟ ଟିକେଟ ହାତଉଛନ୍ତି ସେନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଦଳୀୟ ଟିକେଟ ପାଇବା ପାଇଁ ସବୁ ଦଳର ଆଶାୟୀ ପାର୍ଥୀମାନେ ଦଳ ବଳ ଧରି ରାଜଧାନୀରେ ଡେରା ପକାଇଛନ୍ତି। ଆଉ ନିଜ ଦଳର ଛାମୁଆ ନେତାଙ୍କ ନିକଟରେ ନିଜ ନିଜ ସପକ୍ଷରେ ଲବି ଜାରି ରଖିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସ ପରସ୍ପରକୁ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେବେ କଂଗ୍ରେସ ପାରମ୍ପରିକ ଭୋଟ ବ୍ୟାଙ୍କକୁ ନେଇ ମୈଦାନକୁ ଓହ୍ଲାଇବାକୁ ଆଶା ବାନ୍ଧିଛି। ବିଜେଡି ଦଳର ପୂର୍ବତନ ବିଧାୟକ ହୃଷୀକେଶ ନାଏକ ଓ ବ୍ଲକ ଯୁବବିଜେଡି ସଭାପତି ତଥା ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଥ ନାଏକ ଟିକେଟ ଦୌଡ଼ରେ ଆଗରେ ଥିବା ବେଳେ ଜଣେ ପ୍ରଶାସନିକ ଅଧିକାରୀ ଦୁଃଖବନ୍ଧୁ ନାଏକ, ହୃଷୀକେଶ ନାଏକଙ୍କ ଝିଅ ଶାନ୍ତିଲତା ନାଏକ, ବିନୋଦ ବିହାରୀ ନାଏକ ଓ ପଞ୍ଚାନନ ନାଏକ ଟିକେଟ ଦୌଡ଼ରେ ସାମିଲ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସେହିଭଳି ଭାଜପାରୁ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଖିଳ ଚନ୍ଦ୍ର ନାଏକ, ପୂର୍ବଥର ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଭବାନୀଶଙ୍କର ନାଏକ ପ୍ରମୁଖ ଟିକେଟପାଇଁ ଦାବିଦାର କୁହାଯାଉଛି। ସେହିପରି ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ମମିତା ନାଏକ ଓ ପୂର୍ବତନ ଏମ୍‌ପି ଅନନ୍ତ ନାଏକ ମଧ୍ୟ ବିଧାୟକ ପ୍ରାର୍ଥୀ ଦୌଡ଼ରେ ସାମିଲ ହୋଇଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ଦଳରୁ ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଗୌରହରୀ ନାଏକ ଓ ଗୋପେଶ୍ୱର ନାଏକ ଟିକେଟ ଦୌଡ଼ରେ ରହିଥିବା ଜଣା ପଡ଼ିଛି।

# ତିନି ପଞ୍ଚାୟତରେ ଘରେ ଘରେ ଶଙ୍ଖ

**ହାଟଡିହୀ, ୨୦।୩(ଡି.ଏନ୍.ଏ.)**



ଶଙ୍ଖ ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ବିଜେଡି ନେତୃବୃନ୍ଦ।

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହୀ ବ୍ଲକର ତିନି ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଞ୍ଜୋଳ, ପଞ୍ଚୁଗୋଛିଆ ଓ ଅକାରୁଆ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଞ୍ଜୋଳ ପଞ୍ଚାୟତରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଓ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ଜିଲା ସଭାପତି ବିମ୍ବାଧର ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମକୁ ଶଙ୍ଖ ଫୁଙ୍କି ଉଦ୍‌ଘାଟନ କରିଥିଲେ । ଅଧ୍ୟକ୍ଷା ସାବିତ୍ରୀ ମହିଳାଙ୍କୁ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜଣାଇଥିଲେ । ଶହଶହ ସଂଖ୍ୟାରେ ମହିଳା ଉପସ୍ଥିତ ରହି ଗାଁ ଗାଁ ବୁଲି ଶଙ୍ଖ ଫୁଙ୍କିବା ସହ ହୁଳହୁଳି ପକାଇ ବିଭିନ୍ନ ଗ୍ରାମକୁ ଯାଇଥିଲେ । ପଞ୍ଚୁଗୋଛିଆରେ ନାରୀନେତ୍ରୀ କାମିନୀ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡି କର୍ମୀ ଅଭିମନ୍ୟୁ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ପ୍ୟାରୀମୋହନ ମଲ୍ଲିକ, ହରେକୃଷ୍ଣ ଓଝା, ଗୀତାଞ୍ଜଳି ଓଝା, ଛବିରାଣୀ ପଣ୍ଡା, ପ୍ରତିଭା ଦେବତା, ଅନପୂର୍ଣ୍ଣା ପଣ୍ଡା, ଦେବାର୍ଚ୍ଚନା ପଣ୍ଡା, ଜେମାମଣି ପତି, ଶାନ୍ତିଲତା ଜେନା, ଲୋପାରାଣୀ ପତି, ବାସନ୍ତୀ ରାଣୀ ପତି, ବ୍ଲକ ବିଜେଡି ସଭାପତି ବିକ୍ରମ ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ମହିଳାଙ୍କ ସମାଗମ ହୋଇଥିଲା । ସେହିପରି ଅକାରୁଆ ପଞ୍ଚାୟତରେ ସରପଞ୍ଚ କୌଶଲ୍ୟା ସେଠୀଙ୍କ ନେତୃତ୍ୱରେ ବିଧାୟକ ମାୟାଧର ଜେନା, ଜିଲା ସଭାପତି ବିମ୍ବାଧର ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜୟ ରାଉତ ପ୍ରମୁଖଙ୍କ ସମେତ ଶହଶହ ସଂଖ୍ୟାରେ ମହିଳା ମାନେ ଉପସ୍ଥିତ ରହି ଶଙ୍ଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।